ବର୍ଷ-୨୬, ସଂଖ୍ୟା-୭୬
ଭୁବନେଶ୍ୱର
୨୦, ମାର୍ଚ୍ଚ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.76
Bhubaneswar
20 March, , 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଜାତୀୟ ଦଳକୁ ଫେରିବା ଲକ୍ଷ୍ୟରେ ପନ୍ତ

# ଏସ୍‌ସିବି ତାତି ନେଇ ଗୃହ ଅଚଳ

## ବାଚସ୍ପତିଙ୍କ ସର୍ବଦଳୀୟ ବୈଠକ ବିଫଳ



ଭୁବନେଶ୍ୱର, ୧୯।୩(ମହାଭାରତ): ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଅଗ୍ନିକାଂଡ ଓ ରୋଗୀଙ୍କ ସୁରକ୍ଷା ପ୍ରସଙ୍ଗରେ ଆଜି ମଧ ବିରୋଧୀ ଦଳର ବିଧାୟକ ମାନେ ଗୃହରେ ହଟ୍ଟହୋଳ କରିଛନ୍ତି । ଏହି କାରଣରୁ ବାଚସ୍ପତିଙ୍କୁ ଗୃହକୁ ବାରମ୍ବାର ସ୍ଥଗିତ କରିବାକୁ ପଡିଥିଲା । ହଟ୍ଟଗୋଳ କାରଣରୁ ପ୍ରଶ୍ନକାଳ ଚାଲି ପାରି ନ ଥିଲା । ଗୃହକୁ ସୁଚାରୁ ରୂପେ ଚଳାଇବାକୁ ବାଚସ୍ପତି ସୁରମା ପାଢୀ ସର୍ବଦଳୀୟ ବୈଠକ ଡାକିଥିଲେ ।

ଆଜି ନିର୍ଧାରିତ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ ଆରମ୍ଭ କରିବାକୁ ଚାହିଁଥିଲେ । ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିବା ଆରମ୍ଭ କରିଥିଲେ । ହେଲେ ବିରୋଧୀ ଦଳର ବିଧାୟକ ମାନେ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଅଗ୍ନିକାଂଡ ଓ ରୋଗୀଙ୍କ ସୁରକ୍ଷା ପ୍ରସଙ୍ଗରେ ହଟ୍ଟଗୋଳ କରିବା ଆରମ୍ଭ କରି ଦେଇଥିଲେ । ସେମାନେ ଗୃହର ମଧ ଭାଗକୁ ଯାଇ ନାରାବାଜୀ କରିଥିଲେ । ବାଚସ୍ପତି ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନକାଳ ଜାରୀ ରଖିବା ସହ ବିରୋଧୀ ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ । ହେଲେ ତାଙ୍କର ନିବେଦନର କୌଣସି ପ୍ରଭାବ ବିରୋଧୀ ବିଧାୟକ ମାନଙ୍କ ଉପରେ ପଡି ନ ଥିଲା । ତେଣୁ ବାଧ ହୋଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

ଶୂନ୍ୟକାଳରେ ବି ସମାନ ସ୍ଥିତି ଦେଖା ଦେଇଥିଲା । । ବିରୋଧୀ ବିଧାୟକ ମାନେ ପୁଣି ହଟ୍ଟଗୋଳ ଆରମ୍ଭ କରିଦେଇଥିଲେ । ଗୃହ ମଧ ଭାଗରେ ବିରୋଧୀ ବିଜେଡ଼ି ଓ କଂଗ୍ରେସର ପ୍ରବଳ ନାରାବାଜି କରିଥିଲେ । ତଥାପି କିଛି ସମୟ ପାଇଁ ହଟ୍ଟଗୋଳ ଭିତରେ ଶୂନ୍ୟକାଳ ଆଲୋଚନା ଚାଲିଥିଲା । ବିରୋଧୀ ବିଧାୟକ ମାନେ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । । ଯେ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି, ପ୍ରତିବାଦ ଜାରି ରହିବ ବୋଲି ସେମାନେ କହିଥିଲେ । ବିରୋଧୀ ବିଧାୟକକ ମାନେ ହରି ନାମ ସତ୍ୟ ହେ, ରାମ ନାମ ସତ୍ୟ ହେ ନାରା ଦେଉଥିଲେ । ବିଜେଡ଼ି ଓ କଂଗ୍ରେସ ବିଧାୟକ ମାନେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢିବାକୁ ଉଦ୍ୟମ କରିଥିଲେ । । ସୁରକ୍ଷା କର୍ମୀଙ୍କ ସହ ବିଜେଡ଼ି ଓ କଂଗ୍ରେସ ବିଧାୟକଙ୍କ ଠେଲାପେଲା ଦେଖିବାକୁ ମିଳିଥିଲା । ତେଣୁ ଗୃହ ସୁପରିଚାଳନା ସହ ଅଚଳାବସ୍ଥା ଦୂର କରିବାକୁ ବାଚସ୍ପତି ଗୃହକୁ ଅପରାହ୍ନ ୧ଟା ଯାଏଁ ମୁଲତବୀ ଘୋଷଣା କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ । ସର୍ବଦଳୀୟ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଇସ୍ତାଫା ଦାବି ଜିଦରେ ଅଟଳ ହୋଇଥିଲେ ଉଭୟ ବିଜେଡି ଓ କଂଗ୍ରେସ ବିଧାୟକ । ଫଳରେ ବୈଠକରେ କୈଣସି ନିଷ୍କର୍ସ ବାହାରିପରିନାହିଁ । ସକାଳ ୧୦ଟା ୩୦ରେ ପ୍ରଶ୍ନକାଳ ଆରମ୍ଭ ହୋଇଥିଲା । ଆରମ୍ଭରୁ ଗୃହରେ ଦେଖାଦେଇଥିଲା ଏସ୍‌ସବିତାତି । ବିରେଧୀ ବିଜେଡ଼ି ଓ କଂଗ୍ରେସର ବିଧାୟକଙ୍କ ନାରାବାଜିରେ କମ୍ପିଥିଲା ଗୃହ । ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦାବି ଓ ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ହଙ୍ଗାମା କରିଥିଲେ ବିରୋଧୀ । ମାତ୍ର ୧୨ ମିନିଟ୍ ଚାଲିଥିଲା ।

# ଏସସିବି ଘଟଣାରେ ବିରୋଧୀଙ୍କ ଉପରେ ବର୍ଷିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୯।୩(ମହାଭାରତ) : ବିଧାନସଭାରେ ଲିଭୁନି ଏସସିବି ଅଗ୍ନିକାଣ୍ଡ ନିଆଁ । ଲଗାତାର ଭାବରେ ଏ ପ୍ରସଙ୍ଗରେ ସରକାରଙ୍କୁ ଘେରିବାରେ ଲାଗିଛନ୍ତି ବିରୋଧୀ । ଏହି ପ୍ରସଙ୍ଗରେ ତୃତୀୟ ଦନ ପାଇଁ ଗୃହ ଅଚ଼ଳ ରହିଛି । ତେବେ ଏସସିବି ମେଡ଼ିକାଲ ନିଆଁ ପ୍ରସଙ୍ଗରେ ବିରୋଧୀଙ୍କ ପ୍ରତିବାଦକୁ ନେଇ ଗୃହରେ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିରୋଧୀ ଦଳ ନାଟକ ବାଜି କରୁଛନ୍ତି । ଶବ ଉପରେ ଶୋଭାଯାତ୍ରା କରି ପୀଡିତ ପରିବାରକୁ ଉପହାସ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବିଧାନସଭାରେ ଜଳ ସମ୍ପଦ ବିଭାଗ ଖର୍ଚ୍ଚ ଦାବି ଆଲୋଚ଼ନା ବେଳେ ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ଟାର୍ଗେଟ କରି ଏହା କହିଛନ୍ତି ।

ବିରୋଧୀଙ୍କୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ରାଗ ରାଗ ଜାଗାରେ । ଦୁଃଖ ଦୁଃଖ ଜାଗାରେ । କିନ୍ତୁ ବିରୋଧୀ ଗୃହକୁ ସମ୍ପୂର୍ଣ୍ଣ ଅଚ଼ଳ କରିବା, ଗୃହରେ ଅନୁପସ୍ଥିତ ରହିବା । ନିଜ ଅଞ୍ଚଳର କଥା ଗୃହରେ ନ ରଖିବା । ନାଟକ ବାଜି କରିବା ଇଏ ସମ୍ପୂର୍ଣ୍ଣ ନକାରାତ୍ମକ ଚ଼ିନ୍ତାଧାରା ।ଯେତେବେଳେ କିଛି ଘଟଣା ଘଟିବ ସେତେବେଳେ ବିଧାନସଭାରେ ସେହି କଥା ରଖିବା ରହି ଆସିଛି । କିନ୍ତୁ ସର୍ବଦଳୀୟ ବୈଠକ ପରେ ଗୃହକୁ ସ୍ୱାଭାବିକ କରାଯିବା କଥା । ନଚେତ ଗାନ୍ଧୀ ମୂର୍ତ୍ତି ତଳେ ବସିବା କିମ୍ବା ରାଜ୍ୟପାଳ ଙ୍କ ନିକଟରେ ଫେରାଦ ହେବା ରହିଛି । ବିରୋଧୀ ଦଳ ଭାବେ ଆମେ ମଧ ତାହା କରୁ ଥିଲୁ । ମାତ୍ର ବର୍ତ୍ତମାନ ବିରୋଧୀ ଦଳ ତାହା ନ କରି କେବଳ ବିଧାନସଭା ଆସି ହୋ ହଲ୍ଲା କରି ଚ଼ାଲିଯିବାର ନାଟକ ବାଜି କରିବାର ମାନେ କଣ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ବିଧାନସଭାରେ ବିରୋଧୀ ଆସି ଆଲୋଚ଼ନା କରନ୍ତୁ ନଚେତ ଲୋକେ କ୍ଷମା କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସରକାରଙ୍କ କାମ ପ୍ରତି ଲୋକଙ୍କ ବିଶ୍ୱାସ ଅଛି । ସେଥିପାଇଁ ଉପ ନିର୍ବାଚ଼ନ ଓ ରାଜ୍ୟସଭା ନିର୍ବାଚ଼ନ ଭଳି ନିର୍ବାଚ଼ନରେ ଜନ ସମର୍ଥନ ଆମ ସରକାର ସାଉଁଟୁଛନ୍ତି ।

# ଓଡ଼ିଶା ମାଟି ତଳେ ଧନର ଭଣ୍ଡାର



ଭୁବନେଶ୍ୱର ୧୯।୩(ମହାଭାରତ): ଓଡ଼ିଶାର ମାଟି ପୁଣିଥରେ ନିଜର ଗୁପ୍ତ ଧନକୁ ଖୋଲିଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହୀରା, ମାଣିକ୍ୟ ଓ ସୁନା ଭଳି ମୂଲ୍ୟବାନ ଖଣିଜ ମିଳିବା ଖବର ଏବେ ସବୁଠି ଚ଼ର୍ଚ୍ଚାର ବିଷୟ ପାଲଟିଛି । ବିଧାନସଭାରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ କହିବା ଅନୁଯାୟୀ, ନୂଆପଡା ଜିଲ୍ଲାର କଳମିଦାଦର ଅଞ୍ଚଳରେ ହୀରା ପଥର ଚ଼ିହ୍ନଟ ହୋଇଛି । ବର୍ତ୍ତମାନ ଏହାର ବୈଷୟିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମୂଲ୍ୟାୟନ କାର୍ଯ୍ୟ ଚ଼ାଲୁଅଛି ।

ଏହାସହ କଳାହାଣ୍ଡି ଜିଲ୍ଲାର ହିଞ୍ଜିଲିବାହାଲ—ଜିଲିଙ୍ଗିବାର ଅଞ୍ଚଳରୁ ମାଣିକ୍ୟ ମିଳିଥିବା ଖବର ଆସିଛି । ଯଦିଓ ରାଜ୍ୟରେ ମୁକ୍ତା ଖଣି ଥିବା ଏବେ ସୁଦ୍ଧା କୌଣସି ପ୍ରମାଣ ମିଳିନାହିଁ । ମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଖଣିଜ ଭଣ୍ଡାର ଏଠିରେ ସେମିତି ସୀମିତ ନୁହେଁ । ଦେବଗଡ଼ର ରେମାଳ ଅଞ୍ଚଳରେ ତାମ୍ବା, ଗ୍ରାଫାଇଟ୍, ନିକେଲ୍ ଓ ସୁନାର ସମ୍ଭାବନା ଦେଖାଯାଇଛି । ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କିଛି ଅଞ୍ଚଳରେ ମଧ ସୁନା ଓ ତାମ୍ବା ଧାରଣ କରୁଥିବା ପଥର ମିଳିଛି । ବଂଶପାଳ ବ୍ଲକର ଗୋପୁର-ଜଳାଡିହି ଅଞ୍ଚଳରେ ସୁନା ଧାରଣ ପଥରର ଚ଼ିହ୍ନଟ ହୋଇଛି । ଏହା ମାଟି ତଳର ଗୁପ୍ତ ସମ୍ପଦର ଏକ ମୂଲ୍ୟବାନ ଉଦାହରଣ ।ଏହି ନୂଆ ଆବିଷ୍କାର ଓଡ଼ିଶାକୁ ଦେଶର ଖଣିଜ ମାନଚ଼ିତ୍ରରେ ଆଉ ଶକ୍ତିଶାଳୀ କରିବା ସହ ଭବିଷ୍ୟତରେ ରୋଜଗାର ଓ ଶିଳ୍ପ ଉନ୍ନତିର ଦ୍ୱାର ଖୋଲିପାରେ । ଏହାଦ୍ୱାରା ରାଜ୍ୟରେ ଆର୍ଥିକ ଶକ୍ତି, ରୋଜଗାର ଓ ଶିଳ୍ପ ଉନ୍ନତି ହେବ । ମାଟି ତଳର ଗୁପ୍ତ ଧନ ଓଡ଼ିଶାକୁ ସୁନାରେ ପରିଣତ କରିବା ଆଶା ଆଣିଛି ।

## ବିଜୁ ନବୀନ ଟ୍ରଷ୍ଟକୁ ନେଇ ବିଜେଡି-ବିଜେପି-କଂଗ୍ରେସ ମୁହାଁମୁହିଁ

ଭୁବନେଶ୍ୱର, ୧୯।୩(ମହାଭାରତ) - ବିଜୁ ନବୀନ ଟ୍ରଷ୍ଟକୁ ନେଇ ବିଜେଡି-ବିଜେପି-କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି । ବିଜୁ ନବୀନ ଟ୍ରଷ୍ଟକୁ ନେଇ ଭାଣ୍ଡିଆ ହେବା ପରେ ଗଣମାଧ୍ୟମ ଉପରେ ରୋଷ ଝାଡ଼ିଲେ ପ୍ରମିଳା । କହିଲେ ଗଣମାଧ୍ୟମ ନୀତି ନୈତିକତା ଭୁଲି ସରକାରଙ୍କ ପକ୍ଷରେ ସମ୍ବାଦ ପରିବେଷଣ କରୁଛନ୍ତି । ଯାହାକୁ କାଉଣ୍ଟର କରିଛନ୍ତି ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ । ଇରାଶିଶ କହିଛନ୍ତି ପ୍ରମିଳାଙ୍କ ମିଛକୁ ଖୋଦ ନବୀନ ଧରାଇ ଦେବା ପରେ ଭାଣ୍ଡିଆ ହୋଇଥିଲେ ପ୍ରମିଳା । ସେଥିପାଇଁ ଏଭଳି ରୋଷ ଝାଡୁଛନ୍ତି । ସେହିପରି କଂଗ୍ରେସ ବିଧାୟକ ସି ଏସ୍ ରାଜନ ଏକା ମଧ କହିଛନ୍ତି ଗଣମାଧ୍ୟମ ଠିକ କରୁଛି । ତେବେ ଦିନକ ତଳେ ବିଜୁ ନବୀନ ଟ୍ରଷ୍ଟ କିଛି ନଥିବା କହିଥିଲେ ପ୍ରମିଳା । ଯାହା ପରେ କାଲି ଖୋଦ ନବୀନ କହିଥିଲେ କି ବିଜୁ ନବୀନ ଟ୍ରଷ୍ଟ ଖୋଲା ଯାଇଛି । ମୋ ଅନୁମତିରେ ହୋଇଛି ।

## ସିପିଇଟି ପରୀକ୍ଷା ଆବେଦନ ପାଇଁ ସମୟ ସୀମା ବୃଦ୍ଧି

ଭୁବନେଶ୍ୱର, ୧୯।୩(ମହାଭାରତ) କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷା ପାଇଁ ଆବେଦନ କରିବାର ସମୟ ସୀମାକୁ ବୃଦ୍ଧି କରାଯାଇଛି । ଆବେଦନର ସମୟ ସୀମାକୁ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସିପିଇଟି ପରୀକ୍ଷା ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୨୨ ତାରିଖ ରାତି ୧୧.୪୫ ଘଟିକା ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ନିଜର କମନ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ ।

ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସମସୟସୀମା ଅନୁସାରେ, ସିପିଇଟି ପରୀକ୍ଷା ଆବେଦନ ପାଇଁ ମାର୍ଚ୍ଚ ୧୮ ତାରିଖ ଶେଷ ତାରିଖ ରହିଥିଲା । କିନ୍ତୁ, ଛାତ୍ରଛାତ୍ରୀମାନଙ୍କ ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆବେଦନର ସମୟସୀମାକୁ ବୃଦ୍ଧି କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ୨୦୨୬-୨୭ ଶିକ୍ଷାବର୍ଷରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନଙ୍କୁ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ । ସିପିଇଟି ପ୍ରବେଶିକା ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ । ଏଥିସହ ଜୁଲାଇ ୧୦, ୨୦୨୬ ରିଖ ସୁଦ୍ଧା ସମସ୍ତ ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସ୍ନାତକୋତ୍ତର ପାଠ୍ୟକ୍ରମକୁ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ସଠିକ ସମୟରେ ସ୍ନାତକୋତ୍ତର ପାଠ୍ୟକ୍ରମର ପାଠପଢ଼ା ସମାପ୍ତ ହେବା ସହ ସଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ ।

# ଜଙ୍ଗଲରେ ମିଳିଲା ଛାତ୍ରୀଙ୍କ ମୃତଦେହ

## ପରୀକ୍ଷା ଦେଇ ଫେରିଲେନି, ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ



ଢେଙ୍କାନାଳ, ୧୯।୩(ମହାଭାରତ): ଯୁକ୍ତ ଦୁଇ ପଢୁଥିବା ଜଣେ ଛାତ୍ରୀଙ୍କ ମୃତଦେହ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର ହୋଇଛି ।ଗତକାଲି ସେ କଲେଜକୁ ଯାଇଥିଲେ ପରୀକ୍ଷା ଦେବାକୁ ସାଧାରଣ ଦିନ ଭଳି ଲାଗୁଥିଲା ସବୁକିଛି । କିନ୍ତୁ କେହି ଭାବିନଥିଲେ, ସେହି ଦିନଟା ତାଙ୍କ ଜୀବନର ଶେଷ ଦିନ ହେବ ।ଯୁକ୍ତ-୨ ଛାତ୍ରୀ ଜଣକ ପରୀକ୍ଷା ସାରି ଆଉ ଘରକୁ ଫେରିନଥିଲେ । ସନ୍ଧ୍ୟା ଯାଇ ରାତି ହେଲା ପରିବାର ଲୋକ ଚ଼ିନ୍ତାରେ ପଡ଼ି ଚ଼ାରିଦିଗରେ ଖୋଜାଖୋଜି ଆରମ୍ଭ କଲେ । କିନ୍ତୁ ସକାଳେ ସେମାଙ୍କୁ ଆସିଲା ଏକ ଭୟଙ୍କର ଖବର । କାମାକ୍ଷାନଗର ନିକଟସ୍ଥ ଜଙ୍ଗଲରେ ତାଙ୍କ ମୃତଦେହ ମିଳିଛି । ରାତିରେ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଆଜି ସକାଳୁ ନାବାଳିକାଙ୍କ ମୃତଦେହ ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ପାରିପାର୍ଶ୍ୱିକ ପରିସ୍ଥିତି ଦେଖି ସନ୍ଦେହ କରାଯାଉଛି ଯେ ଏହା କେବଳ ଏକ ମୃତ୍ୟୁ ନୁହେଁ, ବରଂ ଦୁଷ୍କର୍ମ ପରେ ହତ୍ୟା ହୋଇ ଥାଇପାରେ । ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ ଆରମ୍ଭ କରିଛି । ସତ୍ୟ କଣ, କିଏ ଏହା ପଛରେ ସେଥିପାଇଁ ପୋଲିସ ଚେଷ୍ଟା ଚ଼ଳାଇଛି ।

# ଇରାନର ପ୍ରତିଶୋଧ, ତେଲ୍ ଅଭିଭ୍‌ରେ କ୍ଷେପଣାସ୍ତ୍ର ବର୍ଷା



ଜେରୁଜେଲମ/ତେହେରାନ, ୧୯।୩: ଆମେରିକା-ଇସ୍ରାଏଲ-ଇରାନ ମଧ୍ୟରେ ଚ଼ାଲିଥିବା ସଂଘର୍ଷର ୧୯ତମ ଦିବସ ଆଜି ଏକ ଭୟଙ୍କର ମୋଡ଼ ନେଇଛି । ଏହି ଯୁଦ୍ଧ ଏବେ ଆଞ୍ଚଳିକସ୍ତରରେ ଅତି ବ୍ୟାପକ ହେଉଥିବାରୁ ଆଗାମୀ ଦିନରେ ବୈଶ୍ୱିକ ସଙ୍କଟ ଜଟିଳ ରୂପ ନେବା ଆଶଙ୍କା କରାଯାଉଛି । ଇରାନର ଜାତୀୟ ସୁରକ୍ଷା ମୁଖ୍ୟ ଅଲୀ ଲାରିଜାନୀ ଓ ଜଣେ ଶୀର୍ଷ କମାଣ୍ଡର ଗୋଲାମରେଜା ସୋଲେମାନିଙ୍କୁ ଗତକାଲି ହତ୍ୟା କରାଯିବା ପରେ ତେହେରାନ ପକ୍ଷରୁ ଭୀଷଣ ପ୍ରତିଶୋଧ ଆରମ୍ଭ ହୋଇଛି । ଇରାନ ଏହାକୁ କେବଳ ସାମରିକ କ୍ଷତି ଭାବେ ନୁହେଁ, ବରଂ ନିଜର ଅସ୍ତିତ୍ୱ ଉପରେ ଏକ ବଡ଼ ବିପଦ ବୋଲି ଗ୍ରହଣ କରିଛି । ଇସ୍ରାଏଲ ଓ ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ଘାଟି ଓ ସମ୍ପତ୍ତି ଉପରେ ଆଜି ଏକସଙ୍ଗେ ଆକ୍ରମଣ କରି ଇରାନ ଏହି ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଦେବାକୁ ଚେଷ୍ଟା କରିଛି । ଅନ୍ୟପଟେ ଲେବାନନରେ ଇସ୍ରାଏଲ ଧ୍ୱଂସଲୀଳା ଚ଼ଳାଇଛି । ବେରୁତରେ ଅନେକ ଅଟ୍ଟାଳିକା ଧୂଳିସାତ ହେବା ସହ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ଶତାଧିକ ଆହତ ହୋଇଛନ୍ତି ।

ଇରାନ ଆଜି ଅତ୍ୟାଧୁନିକ 'ଖୋରମଶାହର-୪' ବାଲିଷ୍ଟିକ୍ ମିସାଇଲ୍ ଓ 'ସାହେଦ-୨୩୮' ଟର୍ବୋଜେଟ୍ ଡ୍ରୋନ୍ ସାହାଯ୍ୟରେ ଇସ୍ରାଏଲ ଉପରେ ଭୀଷଣ ଆକ୍ରମଣ କରିଛି । ଯୁଦ୍ଧ ଆରମ୍ଭରୁ ପ୍ରଥମ ଥର ପାଇଁ ଇରାନର ମିସାଇଲ୍‌ଗୁଡ଼ିକ କେନ୍ଦ୍ରୀୟ ଇସ୍ରାଏଲର ଶକ୍ତିଶାଳୀ 'ଏରୋ-୩' ପ୍ରତିରକ୍ଷା ପ୍ରଣାଳୀକୁ ଭେଦ କରିବାରେ ସଫଳ ହୋଇଛି । କ୍ଲଷ୍ଟର ବୋମା ଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ ଭୟାବହ ସ୍ଥିତି ସୃଷ୍ଟି କରିଛି । ତେଲ୍ ଅଭିଭ୍‌ର ରାମାତ୍ ଗାନ୍ ଅଞ୍ଚଳରେ ଏକ ପ୍ରମୁଖ ରେଳ ଜଙ୍କସନ୍ ନିକଟରେ ମିସାଇଲ ମାଡ଼ ହେବାରୁ ଦୁଇଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ମିସାଇଲ ଓ ଡ୍ରୋନ୍ ଆକ୍ରମଣ ଯୋଗୁଁ ସେଣ୍ଟ୍ରାଲ ସାଭିଦୋର ରେଳ ଷ୍ଟେସନ୍ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି । ଯାହାଫଳରେ ଏଠାରୁ ସମସ୍ତ ଟ୍ରେନ୍ ଚ଼ଳାଚ଼ଳ ବନ୍ଦ ରହିଛି । ଗିଭାତାଇମ୍ ଅଞ୍ଚଳର ଏକ

## ବିଜୁଳି ମାଡ଼ରେ ବଢୁଛି ମୃତକଙ୍କ ସଂଖ୍ୟା

ଭୁବନେଶ୍ୱର, ୧୯।୩(ମହାଭାରତ) ବିଜୁଳି ମାଡ଼ରେ ବଢୁଛି ମୃତକଙ୍କ ସଂଖ୍ୟା । ୨୦୨୩-୨୪ ରେ ୨୮୬ ଜଣଙ୍କ ବିଜୁଳି ମାଡ଼ରେ ମୃତ୍ୟୁ ହୋଇଥିବାବେଳେ ୨୦୨୪-୨୫ ରେ ଏହି ସଂଖ୍ୟା ବଢ଼ି ୩୧୪ ରେ ପହଁଚିଛି । ମୟୁରଭଞ୍ଜରେ ସର୍ବାଧିକ ବିଜୁଳି ମାଡ଼ରେ ମରିଛନ୍ତି । ସେହିପରି ବୁଡି ମୃତ୍ୟୁ ବି ଚିନ୍ତା ବଢ଼ାଉଛି ୨୦୨୩-୨୪ ରେ ୨୦୦୬ ଜଣ ବୁଡି ମରିଛନ୍ତି । ଏହି ସଂଖ୍ୟା ୨୦୨୪-୨୫ ରେ କମିଛି । ହେଲେ ୧୮୫୪ ଜଣ ବୁଡିକି ମରିଛନ୍ତି । ସାପ କାମୁଡା ବି ଅନେକ ଜୀବନ ନେଇଛି । ୨୦୨୩-୨୪ ରେ ସାପ କାମୁଡାରେ ୧୧୪୭ ମରିଥିବାବେଳେ ୨୦୨୪-୨୫ ରେ ୯୭୧ ଜଣଙ୍କ ପ୍ରାଣ ନେଇଛି ସାପ କାମୁଡା । ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଗୃହରେ ଲିଖିତ ଉତ୍ତର ରଖିଛନ୍ତି ।

## ଗର୍ଭସ୍ଥ ଶିଶୁଙ୍କ ସହ ପ୍ରସୂତିଙ୍କ ମୃତ୍ୟୁ ଘଟଣା

# ସିଲ୍ ହେଲା ସୁକନ୍ୟା ହସ୍ପିଟାଲ

ଜଗତସିଂହପୁର, ୧୯।୩(ମହାଭାରତ): ପ୍ରସୂତିଙ୍କ ମୃତ୍ୟୁ ଘଟଣାକୁ ନେଇ ଗତ ଦୁଇ ଦିନ ହେଲା ଉତ୍ତେଜନା ପ୍ରକାଶ ପାଇବା ପରେ ଆଜି ସମ୍ପୃକ୍ତ ସୁକନ୍ୟା ହସ୍ପିଟାଲକୁ ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଳତାଡ ଜାରି ରହିଥିବା ବେଳେ ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ଦିଆଯିବ । ପୁଲିସ ମଧ୍ୟ ମାମଲାର ତଦନ୍ତ ଚ଼ଳାଇଛି ।

ଜଗତସିଂହପୁର ସିପି ଠାରେ ଥିବା ସୁକନ୍ୟା ଘରୋଇ ହସ୍ପିଟାଲରେ ଭଙ୍ଗାରୁଜା ହୋଇଛି । ଉତ୍ତେଜନା ପ୍ରକାଶ ପାଇବାରୁ ଜଗତସିଂହପୁର ଏସଡିପିଓ ଆଜିଙ୍କ୍ୟ ମାଣେଙ୍କ ସମେତ ଜଗତସିଂହପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

ମିଳିଥିବା ସୂଚ଼ନା ଅନୁସାରେ, ମୃତ ପ୍ରସୂତି ହେଲେ ଜଗତସିଂହପୁର ଥାନା ଦେନ୍ଦୁଆ ଅଞ୍ଚଳର ଶକ୍ତି ପ୍ରସାଦ ଭୋଳଙ୍କ ପତ୍ନୀ ସୁଶ୍ରୀ ସଙ୍ଗିତା ସାହୁ । ଅଭିଯୋଗରୁ ଜଣାପଡ଼ିଛି ଶକ୍ତି ପ୍ରସାଦଙ୍କର ସୁଶ୍ରୀ ସଙ୍ଗିତାଙ୍କ ସହ ୨୦୨୫ ମାର୍ଚ୍ଚ ୭ ତାରିଖରେ ବିବାହ ହୋଇଥିଲା । ପତ୍ନୀ ଗର୍ଭବତୀ ହେବା ପରେ ଉକ୍ତ ହସ୍ପିଟାଲରେ ନିୟମିତ ଚ଼ିକିତ୍ସା କରାଉଥିଲେ । ମାର୍ଚ୍ଚ ୧ରେ ଶେଷ ଥର ପାଇଁ ଅଲଟ୍ରାସାଉଣ୍ଡ ପରୀକ୍ଷା ହେବା ପରେ ଆସନ୍ତା ୨୩ ତାରିଖରେ ପ୍ରସବ ହେବ ବୋଲି ଡାକ୍ତର ସୁକାନ୍ତ କୁମାର ଦଳାଇ ଧାର୍ଯ୍ୟ କରିଥିଲେ ବୋଲି ସ୍ୱାମୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଗତକାଲି



ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଅସ୍ତ୍ରପଚ଼ାର କରାଯିବ ବୋଲି ଡାକ୍ତର କହିଥିଲେ ।

ଆଜି ସକାଳ ପ୍ରାୟ ସାଢେ ୯ଟାରେ ପ୍ରସୂତିଙ୍କୁ ଅସ୍ତ୍ରପଚ଼ାର କକ୍ଷକୁ ନିଆ ଯାଇଥିଲା । ସେଠାରେ ତାଙ୍କୁ ନିଶ୍ଚେତକ ଇଞ୍ଜେକସନ୍ ଦିଆ ଯାଇଥିଲା । ପୂର୍ବାହ୍ନ ପ୍ରାୟ ୧୧ଟାରେ ଡାକ୍ତର କହିଥିଲେ ପ୍ରସୂତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ତୁରନ୍ତ ତାଙ୍କୁ ଭୁବନେଶ୍ୱର ହଂସପାଳ ନିକଟରେ ଥିବା ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଘରୋଇ ଆମ୍ବୁଲାନ୍ସରେ ପ୍ରସୂତିଙ୍କୁ ପରିବାର ଲୋକ ସେହି ମେଡିକାଲକୁ ନେଇଥିଲେ । ସାଙ୍ଗରେ ଡାକ୍ତର କାରରେ ମଧ ଯାଇଥିଲେ । କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏହା ପରେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ । ସେଠାରେ ମଧ ଡାକ୍ତର ମୃତ ଘୋଷଣା କରିବା ପରେ ଅପରାହ୍ନରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ଡାକ୍ତରଙ୍କ ଅବହେଳାକୁ ସମ୍ପୂର୍ଣ୍ଣ ରୂପେ ଦାୟୀ କରିଛନ୍ତି ସ୍ୱାମୀ । ଏହି ଠାରେ ହିଁ ମୃତ୍ୟୁ ହୋଇଥିବା ବେଳେ ଏହାକୁ ଲୁଚ଼ାଇବାକୁ ଭୁବନେଶ୍ୱର ନିଆ ଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ଏହା ଜଣାପଡ଼ିବା ପରେ ସମ୍ପର୍କୀୟ ଓ ଲୋକ ଉତ୍ୟକ୍ତ ହୋଇ ଅପରାହ୍ନରେ ହସ୍ପିଟାଲ ଉପରକୁ ଢେଲାପଥର ମାଡ଼ କରିଥିଲେ । ହସ୍ପିଟାଲ କାଚ଼ ଝରକା ଭାଙ୍ଗି ଯାଇଥିଲା । ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ଏସଡିପିଓ ଶ୍ରୀ ମାଣେ ଓ ଜଗତସିଂହପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତଙ୍କୁ ବୁଝାସୁଝା କରିଥିଲେ । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ରାଷ୍ଟ୍ରୀୟ ନବବର୍ଷର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୩(ମହାଭାରତ): ରାଷ୍ଟ୍ରୀୟ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚୈତ୍ର ଶୁକ୍ଳ ପ୍ରତିପଦା ତଥା ରାଷ୍ଟ୍ରୀୟ ନବବର୍ଷର ପବିତ୍ର ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆମ ସନାତନ ସଂସ୍କୃତିରେ ଏହି ପବିତ୍ର ତିଥି କେବଳ ଏକ କାଳଖଣ୍ଡର ପରିବର୍ତ୍ତନ ନୁହେଁ, ବରଂ ଏହା ହେଉଛି ସୃଷ୍ଟିର ପ୍ରାରମ୍ଭ ଓ ନୂତନ ସଂକଳ୍ପର ଦିବସ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂତନ ବର୍ଷରେ ଆସନ୍ତୁ ଆମେ ସମସ୍ତେ 'ବସୁଧୈବ କୁଟୁମ୍ବକମ୍' ଭାବନାରେ ଅନୁପ୍ରାଣିତ ହୋଇ ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ ପାଇଁ ପୁନର୍ବାର ଶପଥ ନେବା । 'ସର୍ବେ ଭବନ୍ତୁ ସୁଖିନଃ' ମନ୍ତ୍ରକୁ ହୃଦୟଙ୍ଗମ କରି ମାତୃଭୂମିର ସେବାରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିବା । ଏହି ନୂତନ ବର୍ଷ ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଓ ଅପାର ସମୃଦ୍ଧିରେ ଭରିଦେଉ ।

# ନିବେଶକ ହରାଇଲେ ୧୪ ଲକ୍ଷ କୋଟି

ନୂଆଦିଲ୍ଲୀ୧୯।୩(ମହାଭାରତ) : ଭାରତୀୟ ଷ୍ଟକ ବଜାର ଉପରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ସାଂଘାତିକ ପ୍ରଭାବ । ଶକ୍ତି ପ୍ରତିଷ୍ଠାନ ଉପରେ ଇସ୍ରାଏଲ ଓ ଇରାନ ହମଲା କରୁଥିବାରୁ ଏହାର ପ୍ରଭାବ ଭାରତୀୟ ଷ୍ଟକ ମାର୍କେଟ ଉପରେ ପଡିଛି । ଯୁଦ୍ଧର ସ୍ଥିତି ଭୟଙ୍କର ହେଉଥିବା ବେଳେ ଆଜି ସେନସେକ୍ସ ରେକର୍ଡ ୨୫୦୦ ପଏଣ୍ଟ ହ୍ରାଓ ପାଇଛି । ତୈଳ ଦର ବୃଦ୍ଧି ଓ ଏଚ଼ଡିଏଫସି ବ୍ୟାଙ୍କକୁ ନେଇ ନିବେଶକ ଚ଼ିନ୍ତା ପ୍ରକଟ କରିବାରୁ ସ୍ଥିତି ଜଟିଳ ହୋଇଛି । ଆଜି ସେନସେକ୍ସ ୨୪୯୬.୮୯ ପଏଣ୍ଟ ବା ୩.୨୬% ହ୍ରାସ ପାଇ ୭୪,୨୦୭.୨୪ରେ ବନ୍ଦ ହୋଇଛି । ସେହିପରି ନିଫ୍ଟୀ ୭୭୫.୬୫ ପଏଣ୍ଟ ଖସି ୨୩,୦୦୨.୧୫ରେ ପହଞ୍ଚି ଯାଇଛି । ବିଭିନ୍ନ କ୍ଷେତ୍ରକୁ ନେଇ ନିବେଶକଙ୍କ ମଧ ଆଶଙ୍କା ପ୍ରକାଶ ପାଇଥିବା ଏହି ଚ଼ିତ୍ର ବୟାନ କରୁଛି ।ଇରାନ-ଆମେରିକା ଯୁଦ୍ଧ ଆରମ୍ଭ ହେବା ଦିନ ଠାରୁ କେବେ ହେଲେ ଏପରି ସ୍ଥିତି ଦେଖିବାକୁ ମିଳି ନଥିଲା । ଗଲା ୩ ଦିନ ଧରି ନିବେଶକମାନେ ବେଶ ଭଲ ପ୍ରଦର୍ଶନ ମଧ କରିଥିଲେ । ହେଲେ ଆଜି ଷ୍ଟକ ମାର୍କେଟ କ୍ରାଶ ହେବାରୁ ନିବେଶକମାନେ ୧୪ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି । ମାର୍କେଟ ପ୍ରାୟ ୩% ହ୍ରାସ ପାଇଥିବାରୁ ନିବେଶକଙ୍କୁ ଏତେ ବଡ କ୍ଷତି ସହିବାକୁ ପଡିଛି ।



ମାର୍କେଟ ସ୍ଥିତି ହ୍ରାସ ପାଇବା ପଛରେ ଉଭୟ ବିଶ୍ୱ ଓ ଘରୋଇ ସ୍ଥିତି ପ୍ରମୁଖ କାରଣ ସାଜିଛି । ଏହି ଦୁଇ କାରଣ ବଜାରକୁ ପ୍ରଭାବିତ କରିଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଭୀଷଣ ହେବାରୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୧୫ ଡଲାରରେ ପହଞ୍ଚି ଯାଇଛି । ଏସବୁ ଭିତରେ ଏଚ଼ଡିଏଫସି ବ୍ୟାଙ୍କରେ ଘଟିଥିବା ଘଟଣା ନିବେଶକଙ୍କ ଆଶଙ୍କା ବାଢ଼ ଦେଇଛି । ଆମେରିକା ଫେଡରାଲ ରିଜର୍ଭ ବ୍ୟାଙ୍କ ସୁଧ ହ୍ରାସର ସମ୍ଭାବନା ସୀମିତ ବୋଲି କହିବା ପରେ ନିବେଶକମାନେ ଛାନିଆ ହୋଇଛନ୍ତି । ତେବେ ହଠାତ ଅଶୋଧିତ ତୈଳ ଦାମ ବିବା ମାର୍କେଟ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇଛି । ଭାରତ ଆବଶ୍ୟକ କରୁଥିବା ତୈଳରୁ ଅଧିକାଂଶ ଆମଦାନୀ ସୂତ୍ରରୁ ପାଇଥାଏ । ତେଣୁ ଅଶୋଧିତ ତୈଳ ଦାମ ବିବା ଦେଶର ଚ଼ିନ୍ତାକୁ ଦୁଇ ଗୁଣ କରିଛି ।

# ମାଛ ମଞ୍ଜି କୋପ୍ତା

**ଆବଶ୍ୟକ ସାମଗ୍ରୀ:** ମାଛ ମଞ୍ଜି, ପିଆଜ, ଟମାଟୋ, ଅଦା , ରସୁଣ ବଟା, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ, ହଳଦୀ ଗୁଣ୍ଡ, ରିଫାଇନ୍ ତେଲ, କଟା ଧନିଆପତ୍ର, ଅଳ୍ପ କିଛି ବେସନ, ଗରମ ମସଲା, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ମାଛ ମଞ୍ଜିକୁ ଭଲ ଭାବରେ ଧୋଇ ଦିଅନ୍ତୁ। ସେଥିରେ ଲୁଣ, ହଳଦୀ ଗୁଣ୍ଡ, କଟା ଧନିଆପତ୍ର, କଟା ପିଆଜ, କଟା କଂଚାଲଙ୍କା, କଟା ଅଦା, କଟା ରସୁଣ ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାପରେ ବେସନ ପକାଇ ଭଲ ଭାବରେ ଗୋଳାଇ ତେଲରେ ଛାଣି ରଖନ୍ତୁ । ଅନ୍ୟ ଏକ କଡାଇରେ ତେଲ ଗରମ କରି ତେଜପତ୍ର, କଟା ପିଆଜ, କଟା ଟମାଟୋ ପକାଇ ପିଆଜ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ବର୍ତ୍ତମାନ ଏଥିରେ ରସୁଣ ବଟା, ଅଦାବଟା, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ ଓ ହଳଦୀ ଗୁଣ୍ଡ ପକାଇ ଅଧା କପ ପାଣି ଦେଇ ମସଲାକୁ ଭଲ ଭାବରେ କଷନ୍ତୁ। ମସଲା କଷି ହୋଇଗଲା ପରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ମସଲା ଭଲ ଭାବରେ ଫୁଟିଗଲେ ଧିମି ଆଂଚରେ ରଖି ପୂର୍ବରୁ ଛାଣି ରଖିଥିବା ମାଛ ମଞ୍ଜିକୁ ପକାଇ ଢାଙ୍କୁଣି ଘୋଡାଇ ୫ରୁ ୧୦ ମିନିଟ୍ ରଖନ୍ତୁ। ମାଛ ମଞ୍ଜି କୋପ୍ତା ଭଲ ଭାବରେ ସିଝି ଗଲେ ଢାଙ୍କୁଣି କାଢି ଉପରେ କଟା ଧନିଆପତ୍ର ଓ ଗରମ ମସଲା ଗୁଣ୍ଡ ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମାଛ ମଞ୍ଜି କୋପ୍ତା।



ଖବର

# ସମସ୍ତ ଭାଷାରେ ବ୍ୟାନ୍ ହେଲା 'ସରକେ ଚୁନର' ଗୀତ, କ୍ଷମା ମାଗିଲେ ସିଙ୍ଗର ମଙ୍ଗଲୀ

କଡ଼ଡ୍ ଫିଲ୍ମ''କେଡି : ଦ ଡେଭିଲ୍'' ଏକ ବିବାଦୀୟ ଗୀତକୁ ନେଇ ଏବେ ସିଙ୍ଗର ମଙ୍ଗଲୀ ତାଙ୍କର ନୀରବତା ଭାଙ୍ଗିଛନ୍ତି । ଗୀତର ଲିରିକ୍ସକୁ ନେଇ ସୋସିଆଲ ମିଡିଆରେ ବିରୋଧ ଏବଂ ଉ□ଜନା ସୃଷ୍ଟି ହେବା ପରେ ମଙ୍ଗଲୀ ଗତକାଲି ସାର୍ବଜନିକ ଭାବେ କ୍ଷମା ପ୍ରାର୍ଥନା କରିଛନ୍ତି ।ଏହାରି ମଧ୍ୟରେ ଲୋକଙ୍କ ଭାବନାକୁ ଆଘାତ ହୋଇଛି ଏବଂ ଜଣେ ସିଙ୍ଗର ଭାବେ ସେ ଏହାକୁ ସମ୍ମାନ କରନ୍ତି ବୋଲି ସ୍ୱୀକାର କରିଛନ୍ତି । ବିବାଦୀୟ ଲିରିକ୍ସକୁ ସଂଶୋଧନ କରାଯିବ ଏବଂ ଏହାର ନୂଆ ଭର୍ସନ ଖୁବ୍ ଶୀଘ୍ର ଦର୍ଶକଙ୍କ ସାମ୍ନାକୁ ଆସିବ ବୋଲି ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି । ରିଲିଜ ହୋଇଥିବା ଏହି ଗୀତର ସମସ୍ତ ହିନ୍ଦୀ, କଡ଼ଡ୍, ମାଲାୟାଲାମ, ତାମିଲ ଏବଂ ତେଲୁଗୁ ଭାଷାକୁ ହଟାଇ ଦିଆଯାଇଛି ।ଏଥିସହିତ ମଙ୍ଗଲୀ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ''ଲୋକଙ୍କ ଭାବନାକୁ ସମ୍ମାନ ଜଣାଇ ସମସ୍ତ ପ୍ଲାଟଫର୍ମରୁ ଗୀତକୁ ହଟାଇ ଦିଆଯାଇଛି । ଅଜାଣତରେ ହୋଇଥିବା ଭୁଲ୍ ପାଇଁ ସମସ୍ତଙ୍କୁ ଆନ୍ତରିକ ଭାବେ କ୍ଷମା ମାଗୁଛି । କାହାର ଭାବନାକୁ ଆଘାତ ଦେବା ଆମର ଉଦ୍ଦେଶ୍ୟ ନଥିଲା । ଏହି ଭୁଲ୍ ପାଇଁ ଆମେ ଦୁଃଖିତ ।''ଗୀତର ଲିରିକ୍ସକୁ ସଂଶୋଧନ କରି ବର୍ତ୍ତମାନ ଅପଡେଟ୍ କରାଯାଇଛି । ଯାହା ଆଜି ସନ୍ଧ୍ୟାରେ ରିଲିଜ ହେବ ଏବଂ ଏଭଳି ଭୁଲ୍ କେବେ



ନହେବ ବୋଲି ମଧ୍ୟ ସମସ୍ତଙ୍କୁ ଆଶ୍ୱସନା ଦେଇଛନ୍ତି । ଏହାରି ମଧ୍ୟରେ ମଙ୍ଗଲୀ ମ୍ୟୁଜିକ୍ ଡାଇରେକ୍ଟର ଏବଂ ଫିଲ୍ମ ନିର୍ମାତା ତାଙ୍କୁ ସହଯୋଗ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ବ୍ୟତୀତ ସିଙ୍ଗର ତାଙ୍କ କ୍ଷମା ପ୍ରାର୍ଥନା ପୋଷ୍ଟର କମେଣ୍ଟକୁ ବନ୍ଦ କରି ଦେଇଛନ୍ତି ।ଅନ୍ୟପଟେ ଏହି ବିବାଦ ପରେ ନୋରା ତାଙ୍କ ଇନଷ୍ଟାଗ୍ରାମ ପେଜରେ ନିଜର ବୟାନ ରଖିଥିଲେ । ହେଲେ ଏବେ ନୋରା ଏହି ବିବାଦଠାରୁ ଦୂରେଇ ରହିବା ସହ କହିଛନ୍ତି ଯେ, ''ମୁଁ ଦେଖୁଛି ଯେ କିଛି ଲୋକ ଏହି ସୁଯୋଗର ଫାଇଦା ଉଠାଇ ମୋ ଚରିତ୍ରକୁ ଖରାପ କରିବାକୁ ଚେଷ୍ଟା କରୁଛନ୍ତି । ଏହା ଖୁବ୍ ଦୁଃଖଦଦାୟକ । ପରବର୍ତ୍ତୀ ସମୟରେ ମୁଁ ଏବଂ ମୋ ଟିମ୍ ଅଧିକ ସତର୍କ ରହିବୁ

## ପଖାଳର ଔଷଧୀୟ ଗୁଣ

ପଖାଳ ପିତ୍ତ ନାଶକ । ରୁଇଁ ପଖାଳ ଖାଇ ତା ତୋରାଣି ମୁନ୍ଦେ ପିଇଦେଲେ କୋଷ୍ଠ କାଠିନ୍ୟ, ଅଗ୍ନୀମାନ୍ଦ୍ୟ, ଅଜୀର୍ଣ୍ଣ ଓ ପେଟବ୍ୟଥା ଆଦି ନିବାରିତ ହୋଇଥାଏ । ବାଧିକି ଥିବା ଲୋକର ପଥ୍ୟ ଭାବେ ଏହା ବ୍ୟବହାର କରା ଯାଇଥାଏ । ହାଣ୍ଡି କାଞ୍ଜିଦ୍ୱାରା ପେଟ ଥଣ୍ଡା ରହେ। ପିତ୍ତ ରୋଗ ବିସୂଚିକା, ଅତିସାର ଇତ୍ୟାଦିରେ ପଖାଳ ତୋରାଣି ଅତ୍ୟନ୍ତ ପ୍ରଶମନକାରୀ ଓ ଉପକାରୀ ଅଟେ । ମୂତ୍ରକୃଚ୍ଛ ରେ ପଖାଳ ଉପକାରୀ ଅଟେ। କଫ ପ୍ରଧାନ ରୋଗରେ ବାସି ପଖାଳ ଦେବା ଉଚିତ ନୁହେଁ । ପିତ୍ତ ଆଉ ବାତ ରୋଗଗୁଡ଼ିକରେ ସ୍ଥାନ ବିଶେଷରେ ପଖାଳ ଦିଆଯାଇ ପାରିବ। ଆସାମ କୃଷି ବିଶ୍ୱବିଦ୍ୟାଳୟର ମଧୁମିତା ବରୁଆ ଓ ଗୁଣଜିତ ଗୋସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁସାରେ ୧୦୦ଗ୍ରାମ ଭାତରେ



ମାତ୍ର ୩.୪ମିଲି ଗ୍ରାମ ଲୌହ ରହିଥାଏ। କିନ୍ତୁ ୧୨ଘଣ୍ଟା ପଖାଳ ହେଲା ପରେ ଲୌହ ପରିମାଣ ୭୩.୯୧ମିଲି ଗ୍ରାମକୁ ବଢ଼ି ଯାଇଥାଏ । ସେହିପରି ସୋଡ଼ିଅମ ୪୭୫ ମିଲି ଗ୍ରାମରୁ କମି ୩୦୩ମିଲି ଗ୍ରାମ, ପୋଟାସିଅମ ୮୩୯ମିଲି ଗ୍ରାମ ଓ କ୍ୟାଲ୍ସିଅମ ୨୧ମିଲି ଗ୍ରାମରୁ ବଢ଼ି ୮୫୦ମିଲି ଗ୍ରାମ ହୋଇ ଯାଇଥାଏ। ସାଧା ଭାତରେ ଥିବା ଫାଇଟିକ ଏସିଡ୍ ଓ ଓଲିଗୋସାକାରାଇଡ୍ସ୍ ଯୋଗୁ ଏହାକୁ ହଜମ କରିବାରେ ଅସୁବିଧା ହୋଇଥାଏ କିନ୍ତୁ ପଖାଳ ହେବା ପରେ ଏ ଅସୁବିଧା ଦୂର ହୋଇ, ହଜମ କ୍ରିୟା ସହଜ ହୋଇଥାଏ।

# ଯାତ୍ରା କରିବା ପୂର୍ବରୁ ଏହି ବାସ୍ତୁ ଟିପ୍ସ ପ୍ରତି ଧ୍ୟାନ ଦିଅନ୍ତୁ

ବାସ୍ତୁଶାସ୍ତ୍ରରେ କୌଣସି କାର୍ଯ୍ୟରେ ଯାତ୍ରା କରିବା ପୂର୍ବରୁ ସେଥିରେ ସଫଳତା ପ୍ରାପ୍ତି କିଛି ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି । ଯାହାର ପାଳନ କଲେ ଯାତ୍ରାକୁ ମଙ୍ଗଳକାରୀ ଓ ସଫଳ କରି ହୋଇଥାଏ। ଏଥିପାଇଁ କିଛି କଥା ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକୟ ଜାଣନ୍ତୁ.

- ଯାତ୍ରାରେ ଯିବା ସମୟରେ କୌଣସି ନକରାତ୍ମକ ଶବ୍ଦର ବ୍ୟବହାର କରନ୍ତୁ ନାହିଁ।
- ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣ କରନ୍ତୁ। ଗାୟତ୍ରୀ ମନ୍ତ୍ରୀ ଜପ କରନ୍ତୁ।
- ଯାତ୍ରାରେ ଯିବା ପୂର୍ବରୁ ନଦୀ, ନିଆଁ, ପବନ, ଦେବୀଦେବତା, ଗୁରୁଜନ,



ମାତାପିତାଙ୍କୁ ପରିହାସ କରନ୍ତୁ ନାହିଁ।

- ଘରୁ ବାହାରିବା ସମୟରେ ପ୍ରଥମେ ଡ଼ାହାଣ ପାଦ ପକାନ୍ତୁୟ ଅସହାୟଙ୍କୁ ଦାନ ଦିଅନ୍ତୁ। ଗାଈଙ୍କୁ ରୁଟି କିମ୍ୱା ଘାସ ଖାଇବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା କାର୍ଯ୍ୟରେ ସଫଳତା ମିଳିଥାଏ।
- ଶାସ୍ତ୍ର ଅନୁଯାୟୀ, ସୋମବାର, ଶନିବାର ପୂର୍ବ ଦିଗରେ ଯାତ୍ରା କରିବା ଅତି ଶୁଭଫଳ ଦେଇନଥାଏୟ ସୋମବାର, ଗୁରୁବାର ପୂର୍ବ, ଦକ୍ଷିଣ ଦିଗରେ ଯାତ୍ରା କରନ୍ତୁ ନାହିଁ। ବୁଧବାର, ଶନିବାର ପୂର୍ବ, ଉତ୍ତର ଯାତ୍ରା କରିବା ଉଚିତ ନୁହେଁ। ରବିବାର ଓ ଶୁକ୍ରବାର ପଶ୍ଚିମ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ମଙ୍ଗଳବାର ଦିନ ଉତ୍ତର ଦିଗକୁ ଯାତ୍ରା କରୁଥିଲେ ଘରୁ ଗୁଡ଼ ଖାଇ ଯାଆନ୍ତୁ।

ବୁଧବାର ଉ□ର ଦିଗରେ ଯାତ୍ରା କରୁଥିଲେ ଧନିଆ କିମ୍ୱା ରାଶି ଲଡ୍ଡୁ ଖାଇ ଯାଆନ୍ତୁ।

- ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ।

ଶୁକ୍ରବାର ଦିନ ପଶ୍ଚିମ ଦିଗରେ ଯାତ୍ରା କରୁଥିଲେ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।

- ଶନିବାର ଦିନ ପୂର୍ବ ଦିଗକୁ ଯାତ୍ରା କରୁଥିଲେ, ଅଦା ଖଣ୍ଡ ଖାଆନ୍ତୁ।

# ମା' ବୈଷ୍ଣୋଦେବୀ



ଭଗବାନ ଶ୍ରୀରାମ, ସୀତା ଦେବୀଙ୍କୁ ଖୋଜି ଖୋଜି ସମୁଦ୍ର କୂଳରେ ପହଞ୍ଚିବା ପରେ ଜଣେ କନ୍ୟାଙ୍କୁ ଭେଟିଥିଲେ । ସେହି କନ୍ୟା ଗଭୀର ଧ୍ୟାନରେ ବସିଥିଲେ । ଶ୍ରୀରାମ ପଚାରିବାରୁ ସେହି କନ୍ୟା ନିଜ ନାମ ବୈଷ୍ଣବୀ ବୋଲି କହିଲେ । ସେ ଆହୁରି କହିଲେ ଯେ ସେ ପ୍ରଭୁ ଶ୍ରୀରାମଙ୍କୁ ବିବାହ କରିବାକୁ ଚାହୁଁଛନ୍ତି, ତେଣୁ ସେ ଏଠାରେ ତପ କରୁଛନ୍ତି । ଶ୍ରୀରାମ କହିଲେ, ଏହି ଜନ୍ମରେ ମୁଁ ମର୍ଯ୍ୟାଦା ପୁରୁଷୋତ୍ତମ ସାଜିଛି । ଏକ ପତ୍ନୀ ବ୍ରତ ଗ୍ରହଣ କରିଛି । ସୀତା ମୋର ଏକମାତ୍ର ପତ୍ନୀ । ତାଙ୍କ ବ୍ୟତୀତ ଅନ୍ୟ କାହାକୁ ମୁଁ ପତ୍ନୀ ରୂପରେ ଗ୍ରହଣ କରିପାରିବି ନାହିଁ । ତେବେ ଶ୍ରୀରାମ ସେହି କନ୍ୟାଙ୍କୁ ବରଦାନ ଦେଇଥିଲେ ଯେ କଳିଯୁଗରେ ସେ କଳ୍କୀ ଅବତାରରେ ଜନ୍ମନେବେ ଏବଂ ତାଙ୍କୁ ବିବାହ କରିବେ । ସେହି ସମୟ ପର୍ଯ୍ୟନ୍ତ ଆପଣ ଉତ୍ତର ଭାରତର ମାଣିକ ପର୍ବତର ତ୍ରିକୁଟ ପର୍ବତ ଶୃଙ୍ଖଳା ଗୁମ୍ଫାରେ ନିବାସ କରନ୍ତୁ । ଏହା ଶୁଣି ମାତା ବୈଷ୍ଣବୀ ପ୍ରସନ୍ନ ହେଲେ । ମାତା ବୈଷ୍ଣୋ ଦେବୀଙ୍କ ସମ୍ବନ୍ଧରେ ଆଉ କଥା ଉଲ୍ଲେଖ ରହିଛି । ଶ୍ରୀଧର ନାମରେ ବୈଷ୍ଣୋଦେବୀଙ୍କର ଜଣେ ଭକ୍ତ ଥିଲେ । ସେ ଅତ୍ୟନ୍ତ ବିନମ୍ର ତଥା ଧର୍ମ ପରାୟଣ ଥିଲେ । ଶ୍ରୀଧର କଟରା ଅଞ୍ଚଳରେ ଥିବା ହଁସଲି ନାମକ ଗ୍ରାମରେ ରହୁଥିଲେ । ଥରେ ଶ୍ରୀଧର ଜଣେ କନ୍ୟାଙ୍କୁ ଭେଟିଲେ । ସେହି କନ୍ୟା କହିଲେ ଯେ ଶ୍ରୀଧର ମହାଶୟ ଆପଣ ମାତା ବୈଷ୍ଣୋଦେବୀଙ୍କ ନାମରେ ଏକ ବିଶାଳ ଭୋଜର ଆୟୋଜନ କରନ୍ତୁ । ଶ୍ରୀଧର ସାରା ଗାଁ ଲୋକଙ୍କୁ ସେହି ଭୋଜରେ ଖାଇବା ଲାଗି ନିମନ୍ତ୍ରଣ କଲେ । କିନ୍ତୁ ଶ୍ରୀଧରଙ୍କ କୁଡ଼ିଆ ଛୋଟ ହୋଇଥିବା କାରଣରୁ ସେ ଚିନ୍ତିତ ହୋଇପଡ଼ିଲେ । ହେଲେ ଏହି ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ଶ୍ରୀଧରଙ୍କ ଛୋଟ କୁଡ଼ିଆ ବାହାରକୁ ଛୋଟ ଦେଖାଯାଉଥିଲେ ବି ସେଥିରେ ସାରା ଗାଁ ଲୋକ ବସି ଭୋଜନ କରିପାରିଲେ । ଏହି ଚମତ୍କାର ବିଷୟରେ ଭୈରବ ଜାଣିଲା । ଭୈରବ, ଜଣେ ସିଦ୍ଧିପ୍ରାପ୍ତ ତାନ୍ତ୍ରିକ ଥିଲା । ସେ ଶ୍ରୀଧରର ଅଲୌକିକ ଶକ୍ତି ବିଷୟରେ ଜାଣି ସେହି ଭୋଜରେ ପହଞ୍ଚିଲା । ସେ ଶ୍ରୀଧରଙ୍କୁ ତାମସିକ ଭୋଜନ ମାଗିଲା, କିନ୍ତୁ ଶ୍ରୀଧର ତା'ଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲେ । ଏହାପରେ ମାତା ବୈଷ୍ଣୋ କନ୍ୟା ରୂପରେ ପ୍ରକଟ ହେଲେ ଏବଂ ଭୈରବଙ୍କୁ ଏହି ବ୍ୟବହାର ପାଇଁ ଅସନ୍ତୁଷ୍ଟ ହେଲେ । ଭୈରବ ସେହି କନ୍ୟାଙ୍କୁ ଧରିବା ଲାଗି ପ୍ରୟାସ କଲେ ମାତ୍ର ସେ ସେଠାରୁ ଚାଲିଗଲେ । ଭୈରବ ତାଙ୍କ ପଛେ ପଛେ ଚାଲିଲା । ଭୈରବ ସେହି କନ୍ୟାଙ୍କୁ ତ୍ରିକୂଟ ପର୍ବତ ପର୍ଯ୍ୟନ୍ତ ପିଛା କଲେ । ମା' ଏକ ଗୁମ୍ଫାରେ ଲୁଚିଗଲେ । ସେଠାରେ ସେ ୯ ମାସ ପର୍ଯ୍ୟନ୍ତ ରହିଲେ । ଭୈରବ ତାଙ୍କୁ ମାରିବାକୁ ଚେଷ୍ଟା କଲା । ମାତ୍ର ଦେବୀ ବୈଷ୍ଣୋ ଦୁଷ୍ଟ ଭୈରବର ମୁଣ୍ଡ କାଟ କଲେ । ଏଥର ଭୈରବ ମା' ବୈଷ୍ଣୋଙ୍କ ଶକ୍ତି ସହିତ ପରିଚିତ ହୋଇସାରିଥିଲା । ତେଣୁ ସେ ମାତାଙ୍କୁ ମୋକ୍ଷ ମାଗିଲା । ମା' ତା'କୁ ମୋକ୍ଷ ପ୍ରଦାନ କଲେ । ମାତା କହିଲେ, ଯେଉଁ ଭକ୍ତ ମୋର ଦର୍ଶନ ନିମନ୍ତେ ବୈଷ୍ଣୋଦେବୀ ଧାମକୁ ଆସିବ ଏବଂ ସର୍ବପ୍ରଥମେ ଭୈରବକୁ ଦର୍ଶନ ନକରି କେବଳ ମୋର ଦର୍ଶନ କରିବ, ତାହାର ତୀର୍ଥଯାତ୍ରା ଅଧା ରହିଯିବ ।

# ଘରେ ମୟୂର ପୁଚ୍ଛ ରଖିବା ଶୁଭ

ଭଗବାନ ଶ୍ରୀକୃଷ୍ଣଙ୍କର ମୟୂର ପୁଚ୍ଛ ଅତି ପ୍ରିୟ । ସେଥିଲାଗି ତାଙ୍କ ଶୃଙ୍ଗାରରେ ମୟୂର ପୁଚ୍ଛକୁ ବିଶେଷ ସ୍ଥାନ ଦିଆଯାଇଛି । ଏହା ବିନା ତାଙ୍କର ସ୍ୱରୂପ ଅସମ୍ପୂର୍ଣ୍ଣ ବୋଲି ଜଣାଯାଏ । ଜ୍ୟୋତିଷ ଏବଂ ବାସ୍ତୁ



ଶାସ୍ତ୍ରରେ ମଧ୍ୟ ମୟୂର ପୁଚ୍ଛକୁ ଶୁଭର ପ୍ରତୀକ ବୋଲି କୁହାଯାଇଛି । ଆସନ୍ତୁ ଜାଣିବା ମୟୂର ପୁଚ୍ଛ ସହିତ ଜଡିତ କିଛି ବାସ୍ତୁ ଟିପ୍ସ : ଠାକୁର ଘରେ ମୟୂର ପୁଚ୍ଛ ଏବଂ ବଂଶୀକୁ ଏକା ସାଥିରେ ରଖିବା ଦ୍ୱାରା ଘର ମଧ୍ୟରେ ଭଲ ପାଇବା ବଢିବା ସହିତ ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ । ଘରର ମୁଖ୍ୟ ଦ୍ୱାରରେ ଗଣେଶଙ୍କ ସହିତ ମୟୂର ପୁଚ୍ଛ ରଖିବା ଦ୍ୱାରା ବାସ୍ତୁଦୋଷ ଦୂର ହୋଇଥାଏ । ସକାରାତ୍ମକ ଭାବନା ଜାଗ୍ରତସ ହେବା ସହିତ କୁ ଶକ୍ତି ପ୍ରବେଶ କରି ପାରିନଥାଏ । ଅନେକ ପିଲାଙ୍କୁ ରାତିରେ ଶୋଇବା ସମୟରେ ଡର ଲାଗିଥାଏ । ତେଣୁ ତାଙ୍କ ତକିଆ ତଳେ ମୟୂର ପୁଚ୍ଛ ରଖିବା ଦ୍ୱାରା ସମସ୍ତ ଖରାପ ନଜରରୁ ରକ୍ଷା ପାଇଥାନ୍ତି । ବାସ୍ତୁ ଅନୁସାରେ, ମୟୂର ପୁଚ୍ଛକୁ ଫ୍ରେମ୍ କରି କାନ୍ଥରେ ଲଗାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ । ମୟୂର ପୁଚ୍ଛ ସହିତ ୨୧ ଥର ଗ୍ରହ ମନ୍ତ୍ର ପଢି, ତାହା ଉପରେ ଜଳ ସିଞ୍ଚନ କରି ଏକ ଏମିତି ସ୍ଥାନରେ ରଖିବେ ଯେମିତିକି ତାହା ଉପରେ ସମସ୍ତଙ୍କ ନଜର ରହୁଥିବ । ଏହା ଦ୍ୱାରା ରାହୁ ଦୋଷ ଦୂର ହେବା ସହିତ ଜୀବନରେ ସବୁ ମଙ୍ଗଳମୟ ହୋଇଥାଏ ।

# ଓଡ଼ିଶା-ଅଷ୍ଟ୍ରେଲିଆ ମଧ୍ୟରେ ବଢ଼ିବ ଶିଳ୍ପ ଓ ଦକ୍ଷତା ବିକାଶରେ ସହଯୋଗ



ଭୁବନେଶ୍ୱର, ୧୯।୩ (ମହାଭାରତ): ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତକାର କରିଛନ୍ତି କୋଲକାତାସ୍ଥିତ ଅଷ୍ଟ୍ରେଲିଆର କନସୁଲ ଜେନେରାଲ ବର୍ଣ୍ଣାଡ ଲିଞ୍ଚ । ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି । ପାରାଦୀପ ବନ୍ଦର କାର୍ଗୋ ପରିବହନ କ୍ଷେତ୍ରରେ ଦେଶର ଶୀର୍ଷ ସ୍ଥାନ ଅଧିକାର କରି ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି, ଏନେଇ ଅଷ୍ଟ୍ରେଲିଆର କନସୁଲ ଜେନେରାଲ ପ୍ରଶଂସା କରିଛନ୍ତି । ଆଗକୁ ଓଡ଼ିଶା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଦିଗରେ ସହଭାଗିତା ନେଇ ବୈଠକରେ ଆଲୋଚନା ହୋଇଛି । ଶିଳ୍ପ କ୍ଷେତ୍ରରେ ଅଧିକ ନିବେଶ ଏବଂ ଯୁବପିଢ଼ିଙ୍କ ପାଇଁ ଅତ୍ୟାଧୁନିକ ବୈଷୟିକ ଶିକ୍ଷାର ସୁଯୋଗ ସୃଷ୍ଟି କରିବା ନେଇ ଉଭୟ ପକ୍ଷ ମଧ୍ୟରେ ଚର୍ଚ୍ଚା ହୋଇଥିଲା । ବିଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ସରକାର ଅନେକ ଜନକଲ୍ୟାଣକାରୀ ପଦକ୍ଷେପ ନେଇଛନ୍ତି । ବିଶେଷ କରି ଶିଳ୍ପ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଏବଂ ସଫଳତାକୁ ଅଷ୍ଟ୍ରେଲିଆର କନସୁଲ ଜେନେରାଲ ପ୍ରଶଂସା କରିଛନ୍ତି । ଆଗାମୀ ଦିନରେ ଏହି କ୍ଷେତ୍ରରେ ଓଡିଶା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବା ଦିଗରେ ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

# ଓଡ଼ିଶା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୯।୩ (ମହାଭାରତ): ଓଡ଼ିଶା ଦିବସ ୨୦୨୬ ପାଳନ ଉପଲକ୍ଷେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନୂଆଦିଲ୍ଲୀ ସମେତ କୋଲକାତା, ମୁମ୍ବାଇ, ଚେନ୍ନାଇ, ରାଜ୍ୟ ମୁଖ୍ୟାଳୟ ଭୁବନେଶ୍ୱର, ସମସ୍ତ ରାଜସ୍ୱ ଆୟୁକ୍ତ, ଜିଲ୍ଲା ଓ ଉପଖଣ୍ଡସ୍ତରରେ ଓଡ଼ିଶା ଦିବସକୁ ଆନନ୍ଦ, ଉଲ୍ଲାସ ଓ ଆକର୍ଷଣୀୟ ଭାବରେ ମହା ସମାରୋହରେ ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ବୈଠକରେ ରାଜ୍ୟ ଗୃହ, ଶିଳ୍ପ, ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗ ଦେଇ ପ୍ରସ୍ତୁତି ସଂପର୍କରେ ଉପସ୍ଥାପନ କରିଥିଲେ । ଓଡ଼ିଶା ଦିବସ ଏପ୍ରିଲ ୧ ତାରିଖ ସଂଧ୍ୟାରେ ରାଜ୍ୟସ୍ତରୀୟ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ । ଜୟଦେବ ଭବନଠାରେ ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ




ଗଠନ ସଂପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହେବ । ରାଜ୍ୟସ୍ତରୀୟ ଉତ୍ସବରେ ଆୟୋଜିତ ସାଧାରଣ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ବିଶିଷ୍ଟ ଅତିଥିମାନଙ୍କୁ ଯୋଗଦେବା ପାଇଁ ଅନୁରୋଧ କରାଯିବ । ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ଏବଂ ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଉତ୍କଳ ପ୍ରସଙ୍ଗ ଓଡ଼ିଶା ରିଭ୍ୟୁ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ସହ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ପ୍ରକାଶ ପାଉଥିବା ପତ୍ରିକା 'ପ୍ରଗତି ପ୍ରବାହ' ର ୩ୟ ସଂସ୍କରଣ ଉନ୍ମୋଚନ ହେବ । ଜୟଦେବ ଭବନରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଦିବସ ପାଳନ ଉପଲକ୍ଷେ ବିଭିନ୍ନ ସ୍ଥାନରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଦେଶାତ୍ମବୋଧକ ସଂଗୀତ ବାଦନ, ବିଭିନ୍ନ ସରକାରୀ ଓ ରାଷ୍ଟ୍ରାୟତ ଉଦ୍ୟୋଗ ସୌଧଗୁଡ଼ିକର ଆଲୋକୀକରଣ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସଫେଇ ଓ ମାଲ୍ୟାର୍ପଣ ନେଇ ଆଲୋଚନା କରାଯାଇଥିଲା । ଦେଶର ପ୍ରମୁଖ ସ୍ଥାନ ନୂଆଦିଲ୍ଲୀ ଠାରେ ପ୍ରମୁଖ ଆବାସିକ ଆୟୁକ୍ତ ଏବଂ କୋଲକାତା, ମୁମ୍ବାଇ, ଚେନ୍ନାଇ ଆଦିଠାରେ ସ୍ଥାନୀୟ ଓଡ଼ିଆ ସମାଜ ସହଯୋଗରେ ଓଡ଼ିଶା ଦିବସ ପାଳନ ହେବ । ଏପ୍ରିଲ ୧ ଓଡ଼ିଶା ଦିବସରୁ ଆରମ୍ଭ କରି ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଅଳିବାକୁ ଆଧାର କରି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଂପୃକ୍ତ ବିଭାଗମାନଙ୍କ ସହଯୋଗରେ ବିଭିନ୍ନ ଦିବସରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ।

# ମୟୁରଭଞ୍ଜ ଜିଲ୍ଲାର ଘୂର୍ଣ୍ଣିଝଡ଼ ପରିସ୍ଥିତିର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୯।୩ (ମହାଭାରତ): ମୟୁରଭଞ୍ଜ ଜିଲ୍ଲାର ଘୂର୍ଣ୍ଣିଝଡ଼ ପରିସ୍ଥିତି ଏବଂ କ୍ଷୟକ୍ଷତି ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି । ଗତ ୧୫ ତାରିଖରେ ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ବ୍ଲକରେ ଘୂର୍ଣ୍ଣିବାତ୍ୟା ଯୋଗୁଁ ନିର୍ଦ୍ଦିଷ୍ଟ ଅଂଚଳ ପ୍ରଭାବିତ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଇଛି । ନିଜର ଅସୁସ୍ଥତା ସତ୍ତ୍ୱେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସାଧାରଣଜନତାଙ୍କ ସେବାକୁ ପ୍ରାଥମିକତା ଦେଇ ବୈଠକରେ ଉପସ୍ଥିତ ରହି ରାଜ୍ୟ ସରକାର ପ୍ରଭାବିତ ସାଧାରଣଲୋକଙ୍କ ସୁରକ୍ଷା ନିମନ୍ତେ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଥିବା ସହ ଏପ୍ରକାର ବିପର୍ଯ୍ୟୟ ପରିସ୍ଥିତିକୁ ଗୁରୁତ୍ୱର ସହ ବିଚାର କରି ସମସ୍ତ ତ୍ୱରିତ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ରିଲିଫ ସେଂଟର ଗୁଡିକର ସୁପରିଚାଳନା ନିଶ୍ଚିତ କରିବା




ସହ ବିପର୍ଯ୍ୟୟରେ ପ୍ରଭାବିତ ନଅଗୋଟି ଗ୍ରାମକୁ ନଅଜଣ ଅଧିକାରୀଙ୍କୁ ନୋଡାଲ୍ ଅଫିସର୍ ଭାବେ ଦାୟିତ୍ୱ ଦେଇ ଯଥାଶୀଘ୍ର କ୍ଷୟକ୍ଷତିର ଆକଳନ ସହ କ୍ଷତିପୂରଣ ପ୍ରଦାନ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପରିଚାଳନା କାର୍ଯ୍ୟ ଜାରି ରହିଛି । ସାଧାରଣଲୋକଙ୍କୁ କୌଣସି ପ୍ରକାର ଅସୁବିଧା ନ ହେବା ସହ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସେବା ଯୋଗାଇଦିଆଯିବ ବୋଲି ରାଜସ୍ୱ ବିଭାଗ ନିଶ୍ଚିତ କରିଛନ୍ତି ।

ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ରିପୋର୍ଟ୍ ଅନୁଯାୟୀ, କରଞ୍ଜିଆ ବ୍ଲକ୍ ଅଧୀନରେ ୫ଟି ଗ୍ରାମ ପଂଚାୟତ ଓ ୯ଟି ଗ୍ରାମ ପ୍ରଭାବିତ ହୋଇଛି । ମୋଟ ୩,୨୧୭ ଜଣ ଲୋକ ଏହି ଘୂର୍ଣ୍ଣିଝଡ଼ ଯୋଗୁଁ ପ୍ରଭାବିତ ହୋଇଛନ୍ତି । ତେବେ, ପ୍ରଶାସନ ପକ୍ଷରୁ ତୁରନ୍ତ ଗ୍ରହଣ କରାଯାଇଥିବା ପଦକ୍ଷେପସ୍ୱରୁପ ୨୨୦୦ ଜଣଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି ।୬ଟି ରିଲିଫ୍ ସେଂଟର ଖୋଲାଯାଇ କାର୍ଯ୍ୟକ୍ଷମ କରାଯାଇ ସଭିଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । କ୍ଷତିର ବିବରଣୀ ଅନୁଯାୟୀ ପ୍ରାୟ ୫୧୨ଟି ଘର କ୍ଷତିଗ୍ରସ୍ତ ହୋଇଛି । ତେବେ ରିଲିଫ୍ କାର୍ଯ୍ୟରେ ଆବଶ୍ୟକ ଅନୁଯାୟୀ ପଲିଥିନ୍ ସିଟ୍ ବଂଟନ କରାଯାଇଥିଲା ବେଳେ ପ୍ରଭାବିତ ଅଞ୍ଚଳରେ ୨ଟି ଡାକ୍ତରୀ ଟିମ୍ ନିଯୁକ୍ତ ହୋଇଛନ୍ତି । ୪ଟି ଅଗ୍ନିଶମ ଦଳ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ପାଣି ଟ୍ୟାଙ୍କର ଓ ବୋତଲ ମାଧ୍ୟମରେ ପାନୀୟ ଜଳ ଯୋଗାଣ ଅବ୍ୟାହତ ରହିଛି । ୧୫ ମାର୍ଚ୍ଚ ରାତିରୁ ପ୍ରଭାବିତ ଲୋକଙ୍କୁ ନିରନ୍ତର ଭାବେ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି ଏବଂ ବର୍ତ୍ତମାନ କ୍ଷୟକ୍ଷତିର ମୂଲ୍ୟାୟନ କାର୍ଯ୍ୟ ଜାରି ଚାଲିଛି ।

# ଫିକି ପକ୍ଷରୁ ଏଫଏଲ୍ଓ ଓଡ଼ିଶା ଆୱାର୍ଡସ

ଭୁବନେଶ୍ୱର, ୧୯।୩ (ମହାଭାରତ): ଫିକି ଏଫଏଲ୍ଓ ଭୁବନେଶ୍ୱର ସ୍ଥାନୀୟ ମେଫେୟାର କନ୍‌ଭେନସନ୍‌ଠାରେ ମାର୍ଚ୍ଚ ୧୮ ତାରିଖରେ ସଫଳତାର ସହିତ ୬ଷ୍ଠ ଏଫଏଲ୍ଓ ଓଡ଼ିଶା ଆୱାର୍ଡସ୍ ଆୟୋଜନ କରିଥିଲା । ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ବିକାଶ ପ୍ରତି ଉଲ୍ଲେଖନୀୟ ଅବଦାନ ରଖିଥିବା ସମଗ୍ର ଓଡ଼ିଶାର ମହିଳା ଉଦ୍ୟୋଗୀ ଏବଂ ବୃତ୍ତିଧାରୀଙ୍କର ଦୃଷ୍ଟାନ୍ତମୂଳକ ସଫଳତାକୁ ପାଳନ କରିବା ପାଇଁ ଏହି ପୁରସ୍କାର ପ୍ରଦାନ




କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ବିଧାନସଭାର ସମ୍ମାନନୀୟା ବାଚସ୍ପତି ସୁରମା ପାଢୀ, ସମ୍ମାନନୀୟ ଅତିଥି ଭାବରେ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନନୀୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ, ଓଡ଼ିଶା ଯୋଗ ଦେଇଥିଲେ । ସେମାନଙ୍କର ଉପସ୍ଥିତି ଏବଂ ଉତ୍ସାହଜନକ ଅଭିଭାଷଣ ମହିଳା ଉଦ୍ୟୋଗୀ ଓ ବୃତ୍ତିଧାରୀଙ୍କୁ ସେମାନଙ୍କ ନିଜସ୍ୱ କ୍ଷେତ୍ରଗୁଡିକରେ ଉତ୍କର୍ଷ ଓ ନବସୃଜନ ନିମନ୍ତେ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲା ।

୬ଷ୍ଠ ଏଫଏଲ୍ଓ ଓଡ଼ିଶା ଆୱାର୍ଡସ୍ ବିବିଧ କ୍ଷେତ୍ରରୁ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ସେମାନଙ୍କର ନେତୃତ୍ୱ, ନବସୃଜନ ଏବଂ ପ୍ରଭାବୀ ଅବଦାନ ନିମନ୍ତେ ସମ୍ମାନିତ କରିଥିଲା ।

ପୁରସ୍କାରଗୁଡିକ ରୀନା ରାଉତରାୟ, ସବିତା ପଟ୍ଟନାୟକ ଏବଂ ସୁସ୍ମିତା ଦାସଙ୍କୁ ନେଇ ଗଠିତ ବିଶିଷ୍ଟ ବିଚାରକ ମଣ୍ଡଳୀ ଦ୍ୱାରା ମୂଲ୍ୟାୟନ କରାଯାଇଥିଲା । ଫେଡେରେସନ୍ ଅଫ ଦି ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମହିଳା ଶାଖା ଫିକି ଲେଡିଜ୍ ଅର୍ଗାନାଇଜେସନ୍ (ଏଫଏଲ୍ଓ) ୧୯୮୩ରେ ଏହାର ଆରମ୍ଭ ଦିନଠାରୁ ମହିଳାମାନଙ୍କର ଅର୍ଥନୈତିକ ସଶକ୍ତିକରଣ ତଥା ବୃତ୍ତିଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ନିମନ୍ତେ ପ୍ରତିବଦ୍ଧ ରହିଆସିଛି । କର୍ମଶାଳା, ଆଲୋଚନାଚକ୍ର, ସମ୍ମିଳନୀ, ତାଲିମ କାର୍ଯ୍ୟକ୍ରମ ଓ ଦକ୍ଷତା ନିର୍ମାଣ ପ୍ରୟାସମୂହ ଜରିଆରେ ଏଫଏଲ୍ଓ ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ପ୍ରତିଭା, ଦକ୍ଷତା ଏବଂ ଔଦ୍ୟୋଗିକ ସାମର୍ଥ୍ୟ ପ୍ରଦର୍ଶନ କରିବାକୁ ନିରନ୍ତର ସମର୍ଥନ କରିଆସୁଛି ।

ସମ୍ପ୍ରତି ଏଫଏଲ୍ଓ ଭାରତର ୧୦ଟି ସହରରେ ୮୦୦୦ ମହିଳା ଉଦ୍ୟୋଗୀ ଓ ବୃତ୍ତିଧାରୀଙ୍କର ଏକ ନେଟୱର୍କକୁ ପ୍ରତିନିଧିତ୍ୱ କରୁଛି ଏବଂ ସେହି ସମୟରେ ବୈଶ୍ୱିକ ସହଭାଗୀତା, ସର୍ବୋତ୍ତମ କାର୍ଯ୍ୟାଭ୍ୟାସ ବିନିମୟ ତଥା ନେଟୱର୍କିଂ ସୁଯୋଗଗୁଡିକୁ ସୁଦୃଢ଼ କରିବା ନିମନ୍ତେ ଆନ୍ତର୍ଜାତିକ ମହିଳା ସଂଗଠନଗୁଡିକ ସହିତ ସହଭାଗୀତା କରିଆସୁଛି ।

ଫିକି ଏଫଏଲ୍ଓ ଭୁବନେଶ୍ୱର ଚାପ୍ଟର ୨୦୨୦ରେ ଏହାର ପ୍ରତିଷ୍ଠାତା ଚେୟାରପର୍ସନ ଧରିତ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାପିତ ହୋଇଥିଲା । ଏହା ବର୍ତ୍ତମାନର ଚେୟାରପର୍ସନ ପ୍ରଜ୍ଞା ପାରମିତା ମିଶ୍ରଙ୍କ ନେତୃତ୍ୱରେ ୬୧ଜଣ ଅଗ୍ରଣୀ ସଦସ୍ୟାଙ୍କୁ ନେଇ ଆରମ୍ଭ ହୋଇଥିବାବେଳେ ସମ୍ପ୍ରତି ଫିକି ଏଫଏଲ୍ଓ ସଦସ୍ୟା ସଂଖ୍ୟା ୧୪୭କୁ ବୃଦ୍ଧିପାଇଛି ଏବଂ ଚଳିତ ବର୍ଷ ଶେଷସୁଦ୍ଧା ଏହା ନିଜର ସଦସ୍ୟା ସଂଖ୍ୟା ୨୦୧ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି । ଏହି ଚାପ୍ଟରରେ ବୃହତ୍ ବ୍ୟବସାୟିକ ସଂସ୍ଥା, ଏମ୍ଏସଏମ୍ଇ ଏବଂ ଷ୍ଟାର୍ଟଅପ୍‌ଗୁଡିକର ନେତୃତ୍ୱ ନେଉଥିବା ପ୍ରତିଭାସମ୍ପନ୍ନ ମହିଳାମାନେ ରହିଛନ୍ତି ଏବଂ ଏହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମହିଳାମାନଙ୍କ ନିମନ୍ତେ ଦକ୍ଷତା ବିକାଶ ପ୍ରୟାସସମୂହରେ ସକ୍ରିୟ ଭାବରେ ନିୟୋଜିତ ରହିଛି । ଏଫଏଲ୍ଓ ଭୁବନେଶ୍ୱର ସମସ୍ତ କ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ପାଇଁ ଦୀର୍ଘସ୍ଥାୟୀ ସୁଯୋଗଗୁଡିକ ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରଭାବୀ କାର୍ଯ୍ୟକ୍ରମ, ନବୋନ୍ମେଷୀ ସହଯୋଗୀତା ଓ ପ୍ରୟାସସମୂହକୁ ଆଗେଇ ନେଉଛି ।

ଆୱାର୍ଡସ୍ କାର୍ଯ୍ୟକ୍ରମ ଓଡ଼ିଶାରେ ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ପରିବ୍ୟବସ୍ଥାକୁ ନିରନ୍ତର ସୁଦୃଢ଼ କରିବା ଏବଂ ସମଗ୍ର ରାଜ୍ୟରେ ମହିଳାମାନଙ୍କର ନେତୃତ୍ୱ, ନବସୃଜନ ଓ ସଫଳତାକୁ ନେଇ ଆନନ୍ଦ ଉତ୍ସାହ ପାଳନ କରିବାର ନବୀକୃତ ପ୍ରତିବଦ୍ଧତାର ସହିତ ପରିସମାପ୍ତ ହୋଇଥିଲା ।

# ଓଡ଼ିଶା ମଧ୍ୟ ଦେଇ ନିର୍ମାଣ ହେବ ୫୨୨ କିଲୋମିଟର ହାଇସ୍ପିଡ୍ କରିଡ଼ର

ଭୁବନେଶ୍ୱର, ୧୯।୩ (ମହାଭାରତ): ଖଡ଼ଗପୁର-ଟାଙ୍ଗୀ-ବିଶାଖାପାଟଣା-ବିଜୟୱାଡ଼ା ଏକ୍ସପ୍ରେସ୍‌ୱେ ତଥା ହାଇସ୍ପିଡ୍ କରିଡ଼ର ନିର୍ମାଣ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ରାଜ୍ୟ ମଧ୍ୟ ଦେଇ ନିର୍ମାଣ ହେବାକୁ ଥିବା ୬ ଲେନ୍ ବିଶିଷ୍ଟ ଏହି ନୂତନ ଗ୍ରିନ୍ ଫିଲଡ ହାଇସ୍ପିଡ୍ କରିଡ଼ର ନିର୍ମାଣ ନେଇ ପ୍ରସ୍ତାବିତ ନକ୍ସା, ଜିଲ୍ଲା, ଅର୍ଥନୈତିକ ଅଂଚଳ ଏବଂ ସହର ସଂଯୋଗୀକରଣ ଓ ଜମି ଅଧିଗ୍ରହଣ ଆଦି ବିଷୟରେ ଆଲୋଚନା ହୋଇଥିଲା । ଓଡ଼ିଶା ରାଜ୍ୟ ମଧ୍ୟ ଦେଇ ମୋଟ ୫୨୨ କିଲୋମିଟର ଦୀର୍ଘ ଏହି ନୂଆ ଗ୍ରିନ୍ ଫିଲଡ କରିଡ଼ର ମୟୂରଭଞ୍ଜ, କେଉଁଝର, ଢେଙ୍କାନାଳ, କଟକ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା



ଏବଂ କୋରାପୁଟ ଆଦି ୯ଟି ଜିଲ୍ଲାର ୨୭ଟି ସହରକୁ ସଂଯୋଗ କରିବ । ଏଥି ସହିତ ଏହି କରିଡ଼ର ରାଜ୍ୟର ଖଣିଜ ତଥା ଅର୍ଥନୈତିକ ଅଞ୍ଚଳକୁ ଯୋଗାଯୋଗ ସୁଦୃଢ଼ କରିବା ସହିତ ରାଜ୍ୟର ବିକାଶକୁ ଏକ ନୂଆ ଦିଗ ପ୍ରଦାନ କରିବ । ପଶ୍ଚିମବଙ୍ଗ, ଝାରଖଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଦେଇ ଯାଉଥିବା ୧୧୦୨ କିଲୋମିଟର ରାସ୍ତାରୁ ଓଡ଼ିଶାରେ ହେବାକୁ ଥିବା ୫୨୨ କିମି ରାସ୍ତା ସମ୍ପୂର୍ଣ୍ଣ ନୂତନ ଭାବେ ନିର୍ମାଣ ହେବ । ଏଥିରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୯୭ କିଲୋମିଟର ରାସ୍ତା ନିର୍ମିତ ହେବାକୁ ଥିବାବେଳେ ଢେଙ୍କାନାଳରେ ୮୮ କିମି, ମୟୂରଭଞ୍ଜ ଓ କେଉଁଝରରେ ୮୬ କିମି ଏବଂ ରାୟଗଡ଼ା ଜିଲ୍ଲାରେ ୫୩ କିମି ରାସ୍ତା ନିର୍ମିତ ହେବ ବୋଲି ବୈଠକର ଆଲୋଚନା ହୋଇଥିଲା । ଏହି ବୈଠକରେ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ୍ ତଥା ରୋଡ୍‌ସ-୨) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍‌ସ-୧) ଇଂ ଧାନଚାନ୍ଦ ନାୟକ, କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟର ଆଂଚଳିକ ଅଧିକାରୀ ଶ୍ରୀ ସୁନୀଲ କୁମାର, ମୁଖ୍ୟ ଯନ୍ତ୍ରୀ (ରୋଡ୍‌ସ) ଇଂ ଶିବବ୍ରତ ତରିଆ, ମୁଖ୍ୟଯନ୍ତ୍ରୀ (ଜାତୀୟ ରାଜପଥ) ଇଂ ନାରାୟଣ ପଟେଲଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍‌ସିବି ଅଗ୍ନିକାଣ୍ଡ ପ୍ରଶାସନିକ ଅବହେଳାର ଚରମ ନିଦର୍ଶନ

ଭୁବନେଶ୍ୱର, ୧୯।୩ (ମହାଭାରତ): ଏସ୍ ସି ବି ବଡ଼ ମେଡିକାଲରେ ଅଗ୍ନିକାଣ୍ଡ ରେ ୧୧



ଜଣ ଚିକିତ୍ସାଧୀନ ରୋଗୀଙ୍କର ମର୍ମନ୍ତୁଦ ହୃଦୟବିଦାରକ ମୃତ୍ୟୁ ଦୁର୍ଭାଗ୍ୟଜନକ ଓ ଏଥିପାଇଁ ପ୍ରଶାସନିକ ଅବହେଳା, ପରିଚାଳନାଗତ ତ୍ରୁଟି ସର୍ବୋପରି ସରକାରୀ ଉଦାସୀନତା ଦାୟୀ ବୋଲି ଆଜି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସିଥିବା ଏକ ଉଚ୍ଚ ସ୍ତରୀୟ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ମତବ୍ୟକ୍ତ କରିଛନ୍ତି । ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସିଥିବା ତଥ୍ୟ ଅନୁସନ୍ଧାନ କାରୀ ପ୍ରତିନିଧି ମଣ୍ଡଳୀ ସୋମବାର ପୂର୍ବାହ୍ନରେ ବଡ଼ ମେଡିକାଲରେ ପହଂଚି ଶବ ନିଆଁ ଲାଗିଥିବା ଘଟଣାସ୍ଥଳ, ଶବବ୍ୟବଚ୍ଛେଦ ଗୃହ ରେ ମୃତକଙ୍କୁ ଦେଖିବା ପରେ ଉପସ୍ଥିତ ମୃତକଙ୍କ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଓ ସମବେଦନା ଜଣାଇଥିଲେ । ମୃତକଙ୍କ ପରିବାର ବର୍ଗଙ୍କୁ ୧ କୋଟି ଟଙ୍କାର ସହାୟତା ରାଶି ସରକାର ତୁରନ୍ତ ପ୍ରଦାନ କରିବା ସହ ପରିବାର ର ଜଣକୁ ଚାକିରି ଦେବାପାଇଁ ବ୍ୟବସ୍ଥା କରିବାକୁ ସେମାନେ ଦାବି ଜଣାଇଛନ୍ତି । ଏଥିସହ ଏପରି ଦାୟୀତ୍ୱ ହୀନତା ରେ ସଂପୃକ୍ତ ଅଧିକାରୀ ମାନଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ଦାବି ରଖିଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନିଜର ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ନଚେତ୍ ମୁଖ୍ୟ ମନ୍ତ୍ରୀ ତାଙ୍କୁ ବହିଷ୍କାର କରନ୍ତୁ ବୋଲି ନେତୃମଣ୍ଡଳୀ ଏକ ଖବରଦାତା ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି । ପ୍ରଦେଶ କଂଗ୍ରେସ କମିଟି ର ସଭାପତି ଭକ୍ତ ଚରଣ ଦାସ ଙ୍କ ଦ୍ୱାରା ଗଠିତ ଏହି କମିଟିରେ ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀଉପସ୍ଥିତ ଥିଲେ ।

# ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ

ଭୁବନେଶ୍ୱର, ୧୯।୩ (ମହାଭାରତ): ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୁଲ୍ୟରେ ସୂଚନା ଅଧିକାର ଆଇନ-୨୦୦୫ ସମ୍ବନ୍ଧୀୟ ଏକ ଚାରି ଦିବସୀୟ ଦକ୍ଷତା ବିକାଶ ତାଲିମ୍ ତଥା କର୍ମଶାଳା ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ସୂଚନା ଆୟୁକ୍ତ ଦିଲ୍ଲୀପ୍ କୁମାର ବିଷୋୟୀ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ନୋଡାଲ୍ ପିଆଇଓ, ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଓ ଅଧିକାରୀମାନଙ୍କୁ ସୂଚନା ଅଧିକାର ଆଇନ୍ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗର ସମ୍ମିଳନୀ କକ୍ଷରେ କର୍ମଶାଳାର ଉଦଘାଟନରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ଓ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଉଷାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ବିଶୋୟୀ ସୂଚନା




ଅଧିକାର ଆଇନ-୨୦୦୫ର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଆଇନ ନାଗରିକମାନଙ୍କୁ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇବାକୁ କ୍ଷମତା ଦିଏ ଏବଂ ଦାୟିତ୍ୱପୂର୍ଣ୍ଣ ପ୍ରଶାସନକୁ ପ୍ରୋତ୍ସାହିତ କରେ । ସରକାରୀ କର୍ତ୍ତୃପକ୍ଷଙ୍କୁ ଦକ୍ଷ କରିବା ପାଇଁ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି । ସେହିପରି ସୂଚନା ଅଧିକାର ଆଇନର ବିଭିନ୍ନ ଧାରା, ଏହାର କାର୍ଯ୍ୟପ୍ରଣାଳୀ ଓ ନିଜ ଅନୁଭବ ଆଧାରିତ ଅନେକ ଉଦାହରଣ ମାଧ୍ୟମରେ ସେ ଅଂଶଗ୍ରହଣକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ସେହିପରି ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ସୂଚନା ଅଧିକାର ଆଇନର ଗୁରୁତ୍ୱ ଉପରେ ଆଲୋକପାତ କରି ସରକାରୀ ପ୍ରଶାସନର ସ୍ୱଚ୍ଛତା ଓ ଉତରଦାୟିତ୍ୱ ବୃଦ୍ଧିରେ ଏହି ଆଇନର ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ । ସେହିପରି ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ବେହୁରିଆ ଆରଟିଆଇ ଆବେଦନ ଗ୍ରହଣ କରିବା ଏବଂ ଉଚିତ୍ ସମୟରେ ଉତ୍ତର ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଚାରି ଦିବସୀୟ କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିବେ । ୪ ଟି ପର୍ଯ୍ୟାୟରେ ସମସ୍ତ ବିଭାଗର କର୍ତ୍ତୃପକ୍ଷଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

# ନଜରରେ ପଶ୍ଚିମବଙ୍ଗ

ବିଶ୍ୱର ଅନେକ ଦେଶର ଲୋକସଂଖ୍ୟା ତୁଳନାରେ ଏହି ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ ମତଦାତାଙ୍କ ସଂଖ୍ୟା ଅଧିକ। ଏହିସବୁ ରାଜ୍ୟର ୨ଟି ପୂର୍ବ ଭରତରେ ହୋଇଥିବା ବେଳେ ବାକି ୨ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ଦକ୍ଷିଣ ଭାରତର। ତେଣୁ ଏସବୁ ରାଜ୍ୟର ରାଜନୈତିକ ସ୍ଥିତି ଏବଂ ପ୍ରସଙ୍ଗରେ ଭିନ୍ନତା ରହିଛି। ପ୍ରତିଦ୍ୱନ୍ଦ୍ୱି ମଧ୍ୟ ଭିନ୍ନ। କେରଳରେ ଶାସକ କଂଗ୍ରେସ ନେତୃତ୍ୱାଧିନ ମେଣ୍ଟ ୟୁଡିଏଫ ଏବଂ ସିପିଏମ ନେତୃତ୍ୱାଧିନ ଏଲଡିଏଫ ମଧ୍ୟରେ ମୁଖ୍ୟତଃ ମୁକିବିଲା ହେଉଛି। ସେଠାରେ ବିଜେପି ତୃତୀୟ ଶକ୍ତିଭାବେ ଉଭା ହେବାକୁ ଚେଷ୍ଟା କରୁଛି। କିନ୍ତୁ ପଶ୍ଚିମବଙ୍ଗରେ ସ୍ଥିତି ଭିନ୍ନ। କପିଛି ବର୍ଷ ତଳେ ରାଜ୍ୟରେ କଂଗ୍ରେସ ଓ ସିପିଏମ ମଧ୍ୟରେ ମୁକାବିଲା ହେଉଥିଲା। ଏବେ କଂଗ୍ରେସ ସ୍ଥାନରେ ବିଜେପି ମୁଖ୍ୟ ବିରୋଧୀ ଦଳ ଭୂମିକା ନେଉଛି। ଆଉ ବାମପନ୍ଥୀ ଓ କଂଗ୍ରେସ ପରସ୍ପରର ସହଯୋଗୀ ହୋଇଯାଇଛନ୍ତି। ଅବଶ୍ୟ ଏଥର ନିର୍ବାଚନରେ ପଶ୍ଚିମବଙ୍ଗରେ କଂଗ୍ରେସ ଓ ବାମସାମ୍ମୁଖ୍ୟ ମଧ୍ୟରେ ମେଣ୍ଟ ହେବ କି ନାହିଁ ସନ୍ଦେହ। ସେଠାରେ ମୁକାବିଲା ହେଉଛି ମମତା ବାନାର୍ଜୀଙ୍କ ନେତୃତ୍ୱାଧିନ ଟିଏମସି ଏବଂ ବିଜେପି ମଧ୍ୟରେ। ୪ଟି ରାଜ୍ୟ ମଧ୍ୟରେ ପଶ୍ଚିମବଙ୍ଗ ହେଉଛି ସବୁଠାରୁ ବଡ଼ ଏବଂ ରାଜନୈତିକ ଦୃଷ୍ଟିରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ସାରା ଦେଶର ନଜର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳଫଳ ଉପରେ। ବିଜେପି ୨୦୨୧ରେ ଟିଏମସି ସହ ଜବରଦସ୍ତ ଲଢ଼େଇ କରିଥିଲା। ବିଧାନସଭାରେ ଦଳର ସଂଖ୍ୟା ୨ରୁ ୭୭କୁ ବୃଦ୍ଧି ପାଇଥିଲା। କିନ୍ତୁ ଏହା ମମତା ବାନାର୍ଜୀଙ୍କୁ କ୍ଷମତାଚ୍ୟୁତ କରିବାକୁ ସଫଳ ହୋଇନଥିଲା। ନିଜେ ମମତା ପରାଜିତ ହୋଇଥିଲେ ମଧ୍ୟ ତାଙ୍କ ଦଳ ପୂର୍ବାପେକ୍ଷା ଅଧିକ ଆସନ ପାଇଥିଲା। ରାଜ୍ୟ ବିଧାନସଭାର ୨୯୪ ଆସନ ମଧ୍ୟରୁ ଟିଏମସି ୨୧୮ଟି ଆସନ ଦଖଲ କରିଥିଲା। ଅନ୍ୟ ପକ୍ଷରେ କଂଗ୍ରେସ ଓ ବାମପନ୍ଥୀ ସାମ୍ମୁଖ୍ୟ ୨୦୨୧ରେ ଏକରକମ ମୂଳପୋଛ ହୋଇଯାଇଥିଲେ। ସବୁ ବିଜେପି ବିରୋଧୀ ମିଳିତ ହୋଇ ଟିଏମସି ସପକ୍ଷରେ ରାୟ ଦେଇଥିଲେ। ବିଶେଷ କରି ସଂଖ୍ୟାଲଘୁ ସମ୍ପ୍ରଦାୟ କେବଳ ବିଜେପିକୁ ପରାଜିତ କରିବା ନିମନ୍ତେ ଟିଏମସି ସପକ୍ଷରେ ରାୟ ଦେଇଥିଲେ। ପଶ୍ଚିମବଙ୍ଗରେ ବାଂଲାଦେଶୀ ଅନୁପ୍ରବେଶକାରୀ ଏବଂ ରୋହିଙ୍ଗିୟା ଶରଣାର୍ଥୀଙ୍କ ସଂଖ୍ୟା ସର୍ବାଧିକ। ସେମାନଙ୍କୁ ଟିଏମସି ନିଜ ସ୍ୱାର୍ଥ ପାଇଁ ସୁରକ୍ଷା ଏବଂ ସହାୟତା ପ୍ରଦାନ କରି ଆସିଛି। ସେମାନଙ୍କ ଭୋଟରେ ଟିଏମସି ଗତ ଥର ଜିତିଥିଲା। ଏଥର ମଧ୍ୟ ଟିଏମସି ଏହାର ପୁନରାବୃତ୍ତି କରିବାକୁ ଯୋଜନା କରୁଛି। ଏହାକୁ ରୋକିବା ନିମନ୍ତେ ରାଜ୍ୟରେ ଏସଆଇଆର ବା ଭୋଟର ତାଲିକା ସଂଶୋଧନ କରାଯାଉଛି। ରାଜ୍ୟରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଭୋଟର ତାଲିକାରୁ ବାଦ ଦେବା ହେଉଛି ଏହାର ଲକ୍ଷ୍ୟ। ଏହା ଟିଏମସି ପାଇଁ ଭାରି ପଡ଼ିପାରେ। ଏହାକୁ ଅନୁଭବ କରି ଟିଏମସି ଏସଆଇଆରକୁ ବିରୋଧ କରୁଛି। ତେବେ ସେ ଯାହା ବି ହେଉ ପଶ୍ଚିମବଙ୍ଗରେ ଏଥର ବି ବିଜେପି ଓ ଟିଏମସି ମଧ୍ୟରେ ମୁକାବିଲା ହେଉଛି। ଏକଦା ପଶ୍ଚିମବଙ୍ଗରେ ବିଜେପି ଏକ ନାମମାତ୍ର ଶକ୍ତି ଥିଲା। ଏବେ ଏହା ରାଜ୍ୟରେ କ୍ଷମତା ଦଖଲ କରିବା ସମ୍ଭାବନା ସୃଷ୍ଟି କରିଛି। ପଶ୍ଚିମବଙ୍ଗ ଦଖଲ ନିମନ୍ତେ ବିଜେପି ଏଥର ସବୁ ଶକ୍ତି ଖଟାଇବ ସେଥିରେ ସନ୍ଦେହ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହ ପଶ୍ଚିମବଙ୍ଗକୁ ଘନ ଘନ ଗସ୍ତ କରୁଛନ୍ତି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତି ବିଶେଷ କରି ଯୁଦ୍ଧ ଯୋଗୁ ଗ୍ୟାସ ଅଭାବ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ପାଇଁ ସମସ୍ୟା ସୃଷ୍ଟି କରିପାରେ। ଦ୍ୱିତୀୟରେ ରାଜ୍ୟରେ ଟିଏମସିର ସଙ୍ଗଠନ ବେଶ ସୁଦୃଢ଼।

# ସତ୍ୟନାମର ମାହାତ୍ମ୍ୟ

॥ ଉମେଶ ଚନ୍ଦ୍ର ପାତ୍ର ॥

> “;ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ ସଦଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ।

ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧ୍ୟାତ୍ମିକ ଉନ୍ନତ ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ୍ୟ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ ଏକଥା ଶୁଣିଲେ ବା ଅଙ୍କଟି କଠିନ ମନେ କଲେ ତା'ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏନାହିଁ। 'ଅଙ୍କଟି କରିପାରିବି ନାହିଁ' - ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରିପାରେନା। ମନଟି ନିବଷ୍ଟ ନ ହେଲେ ଆଉ ତାହାଦ୍ୱାରା ସେ ଅଙ୍କ ହୋଇପାରେନା। ହୁଏତ ଅଙ୍କଟି ସେ କରିପାରିବ ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ୱାରା ଆଭ୍ୟନ୍ତରୀଣ ସୁପ୍ତଶକ୍ତିର ଉଦବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ। ସେଥିପାଇଁ ଭଗବାନ କୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି - ଯୋଗ କର୍ମସୁ କୌଶଳଂ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ର, ଶରୀର ଓ ମନର କାର୍ଯ୍ୟକାରିତା ବୃଦ୍ଧି ପାଏ। ଆମ ଶରୀର ମଧ୍ୟରେ ହିଁ ଆରୋଗ୍ୟକାରୀ ଶକ୍ତି ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ। ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆମ୍ଭମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହ ଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ପରିମାଣର ରୋଗାକ୍ରମଣ ସେତେ ପରିମାଣର ନାମ କମ୍ପନରେ ହିଁ ଉପକାର ହୋଇପାରେ, ଅଥବା ତତପେକ୍ଷା ଉଚ୍ଚ ଡିଗ୍ରୀର ନାମରେ ମଧ ହୋଇପାରେ, କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେନା। ଯେପରି ଓଁ ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହା ହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୁଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକଟ୍ରନାଦି ପର୍ଯ୍ୟନ୍ତ ଏବଂ ନର ଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧ୍ୟାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର। ସେଥିପାଇଁ ସାଧକ ଗାଇଛନ୍ତି - 'ନାମେ ଶୁଷ୍କତରୁ ମୁଞ୍ଜରିଲା।' ଅର୍ଥାତ୍ ନାମ ଦ୍ୱାରା ଶୁଷ୍କତରୁ ପଲ୍ଲବିତ ହୁଏ। ସେଥିପାଇଁ ନାମ ଦ୍ୱାରା ମୃତ ମଣିଷ ମଧ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ଯେପରି ଭାବରେ ନାମ କରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ ହୋଇ ମନ ସଂଯତ ଓ ସଂଯୁକ୍ତ ହୁଏ ଏବଂ ତାହା ଫଳ ଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ୱାରା ତାହାର ନାମକାରୀର ଶରୀରରେ ଯେ କମ୍ପନ ହୁଏ ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମଜାତୀୟତା ବଶତଃ ଆଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀ କ୍ରମେ ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ ପୋଲର କାର୍ଯ୍ୟ କରେ। ସେହି ଅଙ୍ଗୁଳି ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ ରହିଛି, ତଦ୍ୱାରା ଚୈତନ୍ୟ ଶକ୍ତିଧାରା ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ ପୋଲ କାର୍ଯ୍ୟ କରେ। ସୁତରାଂ ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ଥାପିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଗୃହ, ତନ୍ମଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ ରୋଗୀ ଲାଭ କରିଥାଏ। ଯେପରି କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁ-ପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍ ଭାବର କମ୍ପନ ଯେପରି ବିସ୍ତାର ଲାଭ ଘଟିଥାଏ, ନାମ କମ୍ପନରେ ମଧ ତଦ୍ରୂପ ହୋଇଥାଏ। ଗୋଟିଏ ସତ୍ୟ ଘଟଣା ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ଛୁରୀ ଦ୍ୱାରା ନରହତ୍ୟା ହୋଇଥିଲା। ତାପରେ ଦେଖାଗଲା, ସେହି ନରହତ୍ୟା ଭାବ କମ୍ପନ ସେହି ଛୁରୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ବ୍ୟକ୍ତି ସେହି ଛୁରୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗ ସଂଶ୍ଳିଷ୍ଟ ପ୍ରତ୍ୟେକ ବସ୍ତୁ ହିଁ ନାମ କମ୍ପନମୟ ହୋଇଥାଏ। ସେତେବେଳେ ସେହିସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି ସାଧୁ ପିଟରଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ଜଜକୋର୍ଟର ଓକିଲ ପୂର୍ଣ୍ଣପୋଥିର ଭାଷ୍ୟକାର ଲେଖିଛନ୍ତି ଜଣେ ଭଦ୍ରଲୋକର ହାତ ଧରି ମୋର ମନ ହେଉଥିଲା - ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସେହି ଓଁକାର ଧ୍ୱନି ଶୁଣା ଯାଉଛି। ଉପରୋକ୍ତ ଉପାୟରେ ସତ୍ୟନାମର ଶକ୍ତିରେ ମୃତ ବ୍ୟକ୍ତିର ଜୀବନ ଲାଭ ହୋଇପାରେ। ଯଦି ମୃତ୍ୟୁର ସମ ସମୟରେ ବା ଠିକ ଅବ୍ୟବହିତ ପରେ ସତ୍ୟନାମର ଶକ୍ତି ପ୍ରୟୋଗ କରାଯାଏ, ତା'ହେଲେ ତାହାର ସେହି ଅନ୍ତରତମ ମର୍ମସ୍ଥାନ ମସ୍ତିଷ୍କରେ ଚୈତନ୍ୟ ଶକ୍ତି ଉତ୍ତେଜିତ ହୋଇ ବୈଦ୍ୟୁତିକ ଶକ୍ତି ସ୍ରୋତ ଓ କୃତ୍ରିମ ଶ୍ୱାସ ପ୍ରକ୍ରିୟା ଦ୍ୱାରା ଯେପରି ହୁଏ ସେହିପରି ଭାବରେ ସମସ୍ତ ଯନ୍ତ୍ର ଏକ ସଙ୍ଗରେ କାର୍ଯ୍ୟ କରିବା ଦ୍ୱାରା ଜୀବନଲାଭ ଘଟିଥାଏ - ଅବଶ୍ୟ ଯଦି ଅଭ୍ୟନ୍ତରସ୍ଥ କୌଣସି ଯନ୍ତ୍ର ଧ୍ୱଂସପ୍ରାପ୍ତ ନ ହୋଇଥାଏ। ଏକଥା ବିଜ୍ଞାନଶାସ୍ତ୍ର ସମ୍ମତ ଓ ପ୍ରତ୍ୟକ୍ଷ ପରୀକ୍ଷିତ।

ସଦଗୁରୁ ନାମମୟ ହୋଇଥିବାରୁ ଦର୍ପଣବତ୍ ହୋଇଥାନ୍ତି। ସେଥିପାଇଁ ଯେଉଁ ବ୍ୟକ୍ତି ଯେଉଁ ଭାବ ନେଇ ସଦଗୁରୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସେ ସଦଗୁରୁଙ୍କ ନିକଟରୁ ସେହି ଭାବ ପ୍ରାପ୍ତ ହୋଇଥାନ୍ତି ଏବଂ ତାଙ୍କ ଭିତରର ସେହି ଭାବ ସଦଗୁରୁଙ୍କ ଦର୍ଶନ ସ୍ପର୍ଶନରେ ଉତ୍ତେଜିତ ଓ ଜାଗ୍ରତ ହୋଇ ପ୍ରକାଶ ପାଏ, ଯଥା କାମକ୍ରୋଧାଦି। କିନ୍ତୁ ସେହି ସୁପ୍ତଭାବ ସମୂହ ଜାଗ୍ରତ ହୋଇ ପ୍ରକାଶିତ ହେବାରୁ ସେମାନେ ଯେଉଁ ପରିମାଣରେ ଭିତରେ ଥିଲେ ସେହି ପରିମାଣରେ ରହିପାରନ୍ତି ନାହିଁ, ବହିର୍ଗତ ହୋଇଯାଆନ୍ତି। ଏହି କାରଣରୁ ଦେଖାଯାଏ ଯେ ସଦଗୁରୁଙ୍କର ଦର୍ଶନ ଓ ସ୍ପର୍ଶନ ପରେ ବ୍ୟକ୍ତିର ଚରିତ୍ରରେ ଉନ୍ନତି ହୁଏ। ସତଭାବ ନେଇ ତାଙ୍କ ନିକଟସ୍ଥ ହେଲେ ସଦଭାବର ଉଦବୋଧନ ହୁଏ, ବୃଦ୍ଧି ହେବାକୁ ଲାଗେ। ପୁଣି ତାଙ୍କ ମଧ୍ୟରେ ନାମର ଶକ୍ତିର କମ୍ପନ ବର୍ତ୍ତମାନ ଥିବାରୁ ତାଙ୍କର ଦର୍ଶନ ସ୍ପର୍ଶନରେ ଅଥବା ତାଙ୍କର ଅଙ୍ଗ ସଂଲଗ୍ନ ଶକ୍ତି ସଞ୍ଚାରିତ ବସ୍ତୁ ଦ୍ୱାରା ନାନାବିଧ ଅଦ୍ଭୁତ ଘଟଣା ସଙ୍ଘଟିତ ହୋଇଥାଏ।

ବିଶ୍ୱାସରେ ରୋଗ ଆରୋଗ୍ୟ ହୁଏ ବୋଲି ଶୁଣାଯାଏ, ସେ କଥା ସତ୍ୟ। କିନ୍ତୁ ସେହି ବିଶ୍ୱାସ ସହିତ ଯଦି ସତ୍ୟନାମ ଜପ କରାଯାଏ, ତା'ହେଲେ ବହୁ ଅସାଧ୍ୟ ବ୍ୟାଧି ଆରୋଗ୍ୟ ହୋଇ ମୁମୂର୍ଷୁ ଓ ମୃତ ବ୍ୟକ୍ତିର ଜୀବନଲାଭ ହୁଏ। ନାମ ପ୍ରୟୋଗର ଆହୁରି କେତେ ଗୁଡ଼ିଏ ପ୍ରକ୍ରିୟା ଅଛି ତାହା ସଦଗୁରୁ ଉପଦେଶଗମ୍ୟ। ସେହି ପ୍ରଣାଳୀ ଅବଗତ ନ ହେଲେ ପ୍ରକୃତ ଭାବରେ କାର୍ଯ୍ୟରେ ସଫଳତା ଆସେନାହିଁ। ଆୟୁର୍ବେଦ ଶାସ୍ତ୍ରୋକ୍ତ ଚିକିତ୍ସା ପ୍ରଣାଳୀରେ ରୋଗ ଆରୋଗ୍ୟ ହୋଇଥାଏ। ପୁଣି ଏଲୋପ୍ୟାଥିକ ଚିକିତ୍ସା ପ୍ରଣାଳୀରେ ମଧ ରୋଗାରୋଗ୍ୟ ହୁଏ। ମାନସିକ ଶକ୍ତି ବା ହିପନଟିଜମ ଦ୍ୱାରା ରୋଗାରୋଗ୍ୟ ହୋଇଥାଏ। ସୂକ୍ଷ୍ମାତ୍ମ ହୋମିଓପ୍ୟାଥିର ଉଚ୍ଚଶକ୍ତିର ଏକ ମାତ୍ରାରେ ମଧ ରୋଗାରୋଗ୍ୟ ହୁଏ। ପୁଣି ଶତସହସ୍ର ଔଷଧ ଦ୍ୱାରା ଚିକିତ୍ସା ନକରି ମଧ ମାତ୍ର ବାରଗୋଟି ବାଇଓକେମିକ ବା ଟିସୁରେମିଡ଼ି ଦ୍ୱାରା ରୋଗାରୋଗ୍ୟ ହେଉଛି। ସେହିଭଳି ବର୍ତ୍ତମାନ ନବଯୁଗରେ ପ୍ରଣାଳୀକ୍ରମରେ ଏକ ସତ୍ୟନାମ ଦ୍ୱାରା ସହଜରେ ସତ୍ୱର ରୋଗାରୋଗ୍ୟ ହେଉଅଛି ଏବଂ ହେବ, ଅକାଳ ମୃତ୍ୟୁର ହାତରୁ ରକ୍ଷା ମିଳିପାରିବ। ତାହାର ସୂତ୍ରପାତ ହେଉଅଛି। ତାହା ସୁଦୂର ଭବିଷ୍ୟତରେ ନୁହେଁ। ଏ ନୁହେଁ କାହାଣୀ ଏ ନୁହେଁ ସ୍ୱପ୍ନ। ସେଦିନ ଆଗତପ୍ରାୟ। ପୂର୍ବୋକ୍ତ ସେହିସବୁ ଚିକିତ୍ସା ପ୍ରଣାଳୀ ଦ୍ୱାରା ରୋଗ ଆରୋଗ୍ୟ ଅପେକ୍ଷା ସତ୍ୟନାମରେ ରୋଗ ଆରୋଗ୍ୟର ଶକ୍ତି ଅତ୍ୟନ୍ତ ଅଧିକ। ପ୍ରତ୍ୟକ୍ଷ ସତ୍ୟ କଥା। ଯେ କେହି ପରୀକ୍ଷା କରିଦେଖିପାରନ୍ତି। କଳକୀ ଅବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ସତ୍ୟନାମର ପ୍ରବର୍ତ୍ତକ ଓ ନାମ ହସ୍ପିଟାଲର ପ୍ରତିଷ୍ଠାତା। ନାମ କମ୍ପନ ମାଧ୍ୟମରେ ରୋଗୀ ଚିକିତ୍ସା (ଭାଇବ୍ରେସିଓ) ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଏକ ଅଭିନବ ପରିକଳ୍ପନା।

ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ପ୍ରକୃତିର ଆହ୍ୱାନ

॥ ଶୁଭସ୍ମିତା ସାମଲ ॥

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା'ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ ।

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ କମ୍ କରିଛି । ବୈଜ୍ଞାନିକମାନେ ମଧ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜଷ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡ଼ି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି - ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧନ କେବଳ ଇକୋ - ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

# ନାନା ମୁନୀ ନାନା ମତ

॥ ଅନୀତା ପଟ୍ଟନାୟକ ॥

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ - 'ଏକଂ ସତ୍ ବିପ୍ରା ବହୁଧା ଭବନ୍ତି' ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାରରେ ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ର ଗଳ୍ପ ଖୁବ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ଦେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀ ଗୃହରେ 'ଆମେ କେଉଁଠାରୁ ଆସିଛୁ? କେଉଁଠାକୁ ଯିବୁ? ଓ ଆମର ଜୀବନର ଉଦ୍ଦେଶ୍ୟ କଣ?' ବିଷୟଟିକୁ ଉତ୍ଥାପନ କଲେ। ଆମ ଠାରୁ ପ୍ରଶ୍ନୋତ୍ତର ମାଧମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା। ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠକ ପାଠିକା ମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ସଠିକ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା - ସେ କେଉଁଠାରୁ ଆସିଛି? କେଉଁ ଠାକୁ ଯିବ ଓ ତାର ଜୀବନର ଉଦ୍ଦେଶ୍ୟ କ'ଣ? ଧୃତରାଷ୍ଟ୍ର ଉତ୍ତର ଦେଲା - 'ମୁଁ ମାମୁଁ ଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ'। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଏକ ଛାତ୍ର ଅର୍ଜୁନକୁ ଶ୍ରେଣୀର - ଅନ୍ୟ ଏକ ଛାତ୍ର ଭୀଷ୍ମକୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା - 'ମୁଁ ବାପାମାଆଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତାଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା। 'ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।' ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମର ଶ୍ରେଣୀର ଅନ୍ୟ ଏକ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା 'ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଏକ ଛାତ୍ର ହସ୍ତମଳକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ 'ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।' ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଏକ ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଏକ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କଣ? ତାଙ୍କର କୌଣସି ଉତ୍ତର ନଥିଲା। କେବଳ ଥିଲା 'ସ୍ମିତହାସ୍ୟ' ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ 'ହଁ ସାର' । ଏଥର ପଲ୍ଲବୀକୁ ମତେ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି 'ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।' ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ସଠିକ ଉତ୍ତର ପାଇପାରିନାହିଁ। କେଉଁଟି ସଠିକ ଉତ୍ତର ଜଣାଇଲେ ମୁଁ ଚରିତାର୍ଥ ହେବି।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

## ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜ ର ପ୍ରଥମ ଦିନର ଜିଲ୍ଲା ସ୍ତରୀୟ ସାମାଜିକ ମହାସଭା

ପାଟଣାଗଡ, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ବାଲିପଟା ପଞ୍ଚାୟତର ଆମ୍ବ ବଗିଚା ଠାରେ ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରାବାସୀ ବିଂଝାଲ ସମାଜର ପ୍ରଥମ ଦିନ ରେ ଜିଲ୍ଲା ସ୍ତରୀୟ ନୂତନ ପରିଚାଳନା କମିଟି ଗଠନ ସମନ୍ଧେ ସମସ୍ତ ଜାତି ଭାଇ ଭଉଣୀ ବନ୍ଧୁ ମାନଙ୍କୁ ନେଇ ଏକ ବୈଠକ ଆୟୋଜିତ ହୋଇଥିଲା ଏହି ବୈଠକ ରେ ଅସ୍ଥାୟୀ ସଭାପତି ଭାବରେ ମହେନ୍ଦ୍ର ବରିହା ସଭାର ସଭାପତି ଭାବରେ କାର୍ଯ୍ୟ ତୁଲାଇ ସଭା ପରିଚାଳନା କରିଥିବା ବେଳେ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ବ୍ଲକ ତଥା ଖପ୍ରାଖୋଲ, ପାଟଣାଗଡ, ବେଲପଡା, ତୁରେକେଲା, ଲୋଇସିଂହା, ଆଗଲପୁର, ବଙ୍ଗୋମୁଣ୍ଡା, ବଲାଙ୍ଗୀର, ସଇତଲା ରୁ ପୂର୍ବତନ ସଭାପତି ଗଣ ସଭାରେ ଉପସ୍ଥିତ ଥିଲେ । ଏହି ସଭାରେ ପୂର୍ବତନ ଜିଲ୍ଲା ସଭାପତି ପଦ୍ମ କୁମାର ସିଂ ବରିହା, ପୂର୍ବତନ ଜିଲ୍ଲା ସଭାପତି ଅଷ୍ଟରତ୍ନ ବରିହା,ପୂର୍ବତନ ସଭାପତି ଖପ୍ରାଖୋଲ ଲୁଚନ ସିଂ ବରିହା , ଖପ୍ରାଖୋଲ ବ୍ଲକ ଚେୟାର ମେନ ରଘୁନାଥ ବରିହା, ପୂର୍ବତନ ଅବସର ପ୍ରାପ୍ତ ପୋଲିସ ଅଧିକାରୀ ଗୌତମ ବରିହା ସହ ଅନେକ ଜାତି ଭାଇ ନିଜ ସମାଜ ର ପ୍ରଗତି ଓ ସମାଜ ର ଉନ୍ନତୀ ଲାଗି ନିଜ ବକ୍ତବ୍ୟ ରଖିଥିଲେ ଆଜିର ଏହି ସଭାରେ ଜିଲ୍ଲା ସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ , ସମାଜ ର ଉନ୍ନତୀ କରଣ ସକାଶେ ଅନେକ ଜାତି ଭାଇ ପ୍ରସ୍ତାବ ଦେଇଥିବା ବେଳେ ଆସନ୍ତା କାଲି ତା ୨୦/୦୩/୨୬ ରେ ନୂତନ ଜିଲ୍ଲା ସ୍ତରୀୟ ସାମାଜିକ ନୂତନ କର୍ମକର୍ତ୍ତା ଚୟନ ହେବାକୁ ନିଷ୍ପତ୍ତି ନିଆଯାଇ ଥିଲା । ଏହି ଜିଲ୍ଲା ସ୍ତରୀୟ ସାମାଜିକ ମହାସଭା ବଳରାମ ବରିହା ପରିଚାଳନା କରିଥିବା ବେଳେ ଏହି ସଭାରେ ତିନି ସହ ରୁ ଅଧିକ ନିଜର ଜାତି ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ ଆସନ୍ତା କାଲି ପୁଣି ଏକ ବୈଠକ ହେବାକୁ ଥିବା ବେଳେ ଯଦୁମଣି ବରିହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ସହ ସଭା ସାଙ୍ଗ କରିଥିଲେ ।

## ପାରିକୁଦମହୋତ୍ସବ ମେଳଣ ଯାତ୍ରା ଉଦଘାଟିତ

କୃଷ୍ଣପ୍ରସାଦ, (ମହାଭାରତ): ପୁରୀଜିଲ୍ଲାକୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ବାଲିଗୋଠ ମେଳଣ ପଡିଆ ରେ ଦ୍ୱିତୀୟ ବାର୍ଷିକ ପାରିକୁଦ ମହୋତ୍ସବ ଉଦଘାଟନ ହୋଇଛି। ଏହି ମହୋତ୍ସବ ରେ ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି ଏହି ପୀଠରେ ଭକ୍ତ ଓ ଭଗବାନ ଙ୍କ ମହାମିଳନ ହୋଇଥାଏ। ପାଟ ପାଟପଟୁଆର ରେ ୪୨ ମୌଜା ରୁ ୧୬ ଠାକୁର ଆସି ଏହି ପୀଠରେ ପହଞ୍ଚି ନିଜ ଆସନ ଅଳଙ୍କୃତ କରିଥାନ୍ତି। ଠାକୁର ଙ୍କୁ ଅଲଣ୍ଡା ଏବଂ ପାରିକୁଦ ଗଡ଼ ରେ ଦଧିବାମନ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ଠାକୁରଙ୍କ ପ୍ରତିନିଧି ଭାବେ ୪୨ମୌଜା ସଭାପତି କୈଳାଶ ଚନ୍ଦ୍ର ପଟନାୟକ ଏବଂ କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ଜେନା ନିମନ୍ତ୍ରଣ ନେଇ ଥିଲେ। ଦିବା ୨ଘଣ୍ଟା ସମୟରେ ସମସ୍ତ ଠାକୁର ପଡିଆ ରେ ବିଜେ କରିଥିଲେ। ପାରିକୁଦ ରାଜା ସାହେବ ସନ୍ତୋଷ କୁମାର ମାନସିଂହ ବିଗ୍ରହ ମାନଙ୍କ ଦର୍ଶନ କରିଥିଲେ। ଏହି ମହୋତ୍ସବ ରେ ମହୋତ୍ସବ ରେ ସମ୍ପାଦକ ପ୍ରଶାନ୍ତ କୁମାର ପଲେଇ, କୋଷାଧକ୍ଷ ମୋଚିରାମ ନାୟକ, ବାବୁଲା ନାୟକ, ପ୍ରାଣନାଥ ପଲେଇ, ଅଜୟ କୁମାର ପଲେଇ, ଲକ୍ଷ୍ମୀଧର ସାହୁ ପ୍ରମୁଖ ବହୁ ଶିକ୍ଷାବିତ ଗ୍ରାମବାସୀ ମାନେ ସହଯୋଗ କରିଥିଲେ। ସନ୍ଧ୍ୟାରେ ପାରମ୍ପରିକସମରକଳା ପାଇକ ପରିବେଷଣ ହୋଇଥିଲା। ପାଇକ ପରେ ଗୋଟିପୁଅ ନୃତ୍ୟ ହଜାର ହଜାର ଦର୍ଶକ ଙ୍କ ମନ ମୋହିଥିଲା। ରାତ୍ରିରେ ମନୋରଞ୍ଜନ ନିମନ୍ତେ ମାଗଣା ରେ ଏକ ଗଣନାଟ୍ୟ ନାଟ୍ୟ ପରିବେଷଣ କରିଥିଲେ। ଏହି ମହୋତ୍ସବ ୪ ଦିନ ଧରି ଚାଲିବା ଜଣାପଡ଼ିଛି। ସମସ୍ତ ଠାକୁର ଙ୍କ ପ୍ରତିଦିନ ର ନିତି ସେହିଠାରେ କରାଯିବ ବୋଲି ପୂଜକ ମାନେ ପ୍ରକାଶ କରିଛନ୍ତି। ବିଭିନ୍ନ ଜିଲାରୁ ଏବଂ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଙ୍କ ସମାଗମ ହୋଇଛି। ଶୃଙ୍ଖଳା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ଅସୟୋଜକ ମାନେ କହିଛନ୍ତି।

## ୩୫ ବର୍ଷ ପରେ ୧୯୯୨ ମସିହାର ବ୍ୟାଚର ବନ୍ଧୁମିଳନ



କପ୍ତିପଦା, (ମହାଭାରତ) : ଦୀର୍ଘ ୩୫ ବର୍ଷ ପରେ ମିଳିତ ହେଲେ ୧୯୯୨ ମସିହା ବ୍ୟାଚ୍ ର ବନ୍ଧୁମାନେ ।ଯାହାକି ଦୀର୍ଘ ଦିନର ବ୍ୟବଧାନ ପରେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ନୁଧଡିହା ପଞ୍ଚାୟତ ଲାଲବାହାଦୁର ଉଚ୍ଚ ବିଦ୍ୟାଳୟର ୧୯୯୨ ମସିହା ବ୍ୟାଚ ର ପୂର୍ବତନ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ଥାନୀୟ କାଳଡ଼୍ୟାମ ଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶେଷ କରି ସମସ୍ତଙ୍କ ଭିତରେ ଭାବର ଆଦାନ ପ୍ରଦାନ ସହ ଆଗକୁ ନିଜ ନିଜ ଭିତରେ କିପରି ବନ୍ଧୁତ୍ୱର ସୁସମ୍ପର୍କ ରହିପାରିବ ସେ ନେଇ ଆଲୋଚନା ହୋଇଥିଲା। ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ସହ ଉଦଳା ଅଞ୍ଚଳର ଏକ ଘୋରୋଇ ଶିକ୍ଷାନୁଷ୍ଠାନ ଛାତ୍ରାବାସର ପିଲାମାନଙ୍କୁ ମିଠା ଖୁଆଇ ସେମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ଯାହାକି ଏହି କାର୍ଯ୍ୟକ୍ରମକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି ।ଏହି ୧୯୯୨ ମସିହା ବ୍ୟାଚର ୪୫ ଜଣ ବନ୍ଧୁମାନଙ୍କ ସହ ସେମାନଙ୍କ ପରିବାର ଯୋଗ ଦେଇଥିଲେ। ପରିଶେଷରେ ସମସ୍ତ ବନ୍ଧୁମାନଙ୍କ ପରିବାରକୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା।

## ତ୍ରିନାଥ ଜୀଉ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ



ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମ ଫାଣ୍ଡି ପରିସରରେ ଥିବା ତ୍ରିନାଥ ଜୀଉ ମନ୍ଦିର ର ୧୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ।ନଦିଆ କୀର୍ତ୍ତନ ର ତାଳେ ତାଳେ ଓ ବେଦଜ୍ଞ ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନିରେ ସମସ୍ତ ପରିବେଶ ଆଧ୍ୟାତ୍ମିକକତାରେ ସୁଗନ୍ଧିତ ହୋଇଉଠି ଥିଲା ।ସମସ୍ତ କାର୍ଯ୍ୟକ୍ରମ କୁ ତ୍ରିନାଥ ଜୀଉ କମିଟି ର ଆନୁକୂଲ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସବୁ ଦିନ ପ୍ରସାଦ ସେବନ ର ବ୍ୟବସ୍ଥା ମଧ୍ୟ ହୋଇଛି। ପୂଜା ହୋମରେ ଜୟନ୍ତ କୁମାର ଘଣ୍ଟ ଓ ତାଙ୍କ ସହଧର୍ମିଣୀ ବସିଥିଲେ ।ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ଓ ଅନ୍ୟ କର୍ମଚାରୀ ପୂଜା ସ୍ଥଳରେ ପହଂଚି ତ୍ରିନାଥ ଠାକୁରଙ୍କ ସାନ୍ନିଧ୍ୟ ଲାଭ କରିଥିଲେ। ଫାଣ୍ଡି ର ସମସ୍ତ କର୍ମଚାରୀ ଓ ମନ୍ଦିର କମିଟି ସଦସ୍ୟଙ୍କ ସହଯୋଗରେ ଏ ଉତ୍ସବଟି ପାଳିତ ହୋଇଥିଲା।

# ବଜାରରେ ମିଳୁଥିବା ପାଣି ବୋତଲ କେତେ ସୁରକ୍ଷିତ ?



ଅସ୍ତରଙ୍ଗ, (ମହାଭାରତ) : ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେଧଡ଼କ ଭାବେ ନକଲି ପାଣି ବୋତଲ, ପାଉଜ ବିକ୍ରି ବେଧଡକ ଚାଲିଛି । ସେହିପରି ଅସ୍ତରଙ୍ଗ,କାକଟପୁର ଅଞ୍ଚଳରେ ସଠିକ୍ ସରକାରୀ ନିୟମ ବିନା ପାଣି ପାଉଚ, ପାଣି ବୋତଲ ଓ ୨୦ ଲିଟର ପାଣି ଜାର ବିକ୍ରି ହେଉଥିବା କଥା ସାମ୍ନାକୁ ଆସିଛି। ଏହି ପାଣି ମାନବ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ ତାହା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଚିନ୍ତା ବୃଦ୍ଧି ପାଇଛି। ବର୍ତ୍ତମାନ ଅସ୍ତରଙ୍ଗ ଓ କାକଟପୁର ର ବିଭିନ୍ନ ଦୋକାନ ଓ ବଜାରରେ ମିଳୁଥିବା ୧୦ ଟଙ୍କିଆ ପାଣି ବୋତଲ ଓ ୨ ଟଙ୍କିଆ ପାଣି ପାଉଚ ଉପରେ ସାଧାରଣ ଲୋକ ବହୁ ପରିମାଣରେ ନିର୍ଭର କରୁଛନ୍ତି। କିନ୍ତୁ ଏହି ପାଣିର ଗୁଣବତ୍ତା କେମିତି, ଏହା କେଉଁଠାରେ ପ୍ରସ୍ତୁତ ହେଉଛି ଓ ସରକାରୀ ନିୟମ ମାନାଯାଉଛି କି ନାହିଁ—ତାହା ସଂପର୍କରେ ସ୍ୱଚ୍ଛତା ନଥିବାରୁ ଅନେକ ପ୍ରଶ୍ନ ଉଠୁଛି ।ଅଭିଯୋଗ ଅନୁସାରେ କେତେକ ଅସାଧୁ ବ୍ୟବସାୟୀ ବାହାରୁ ନାମୀଦାମୀ କମ୍ପାନିର ଲୋଗୋ ଥିବା ଖାଲି ବୋତଲ ଓ ପ୍ୟାକେଟ କିଣି ତାହାରେ ଦୂଷିତ ଜଳ ପ୍ୟାକିଙ୍ଗ କରି ବଜାରକୁ ଛାଡୁଛନ୍ତି। ପରେ ଏହାକୁ ସିଲ୍ କରି ନକଲି ଭାବେ ବିକ୍ରି କରାଯାଉଛି ବୋଲି ମଧ୍ୟ ଅଭିଯୋଗ ରହିଛି। ଏହାର ଫଳରେ ଲୋକେ ଏହି ପାଣି ପିଇ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି,ସରକାରୀ ନିୟମ ଅନୁସାରେ ପାଣି ପାଉଚ କିମ୍ବା ବୋତଲ ପ୍ରସ୍ତୁତ କରିବା ପାଇଁ କମ୍ପାନିର ଟ୍ରେଡ୍?ମାର୍କ, ପାଣିର ଗୁଣବତ୍ତା ପରୀକ୍ଷା ସାର୍ଟିଫିକେଟ, ଲାବୋରେଟୋରି ସାର୍ଟିଫିକେଟ, ବିଏସଆଇ ଓ ଆଇଏସଆଇ ମାନ୍ୟତା ସହିତ ଫୁଡ୍ ଲାଇସେନ୍ସ ରହିବା ବାଧ୍ୟତାମୂଳକ। ଏହାସହ ପାଣିର ନମୁନା ଲ୍ୟାବରେ ପରୀକ୍ଷା କରି ମାନଦଣ୍ଡ ପୂରଣ କରିବା ଆବଶ୍ୟକ। କିନ୍ତୁ ଏହି ସମସ୍ତ ପ୍ରକ୍ରିୟା ବ୍ୟୟବହୁଳ ହେବାରୁ କେତେକ ବେନାମୀ କମ୍ପାନି ଏହାକୁ ଅମାନ୍ୟ କରି ବେଆଇନ ଭାବେ ପାଣି ବ୍ୟବସାୟ ଚଳାଇ ଆସୁଛନ୍ତି।

ପୁରୀ ଜିଲ୍ଲାରେ ଅନେକ ପାଣି ଫ୍ୟାକ୍ଟ୍ରି ଉତ୍ପାଦନ କେନ୍ଦ୍ରର ପାଖରେ ସରକାରୀ ଅନୁମତି ଅଛି କି ନାହିଁ ସେଥି ପ୍ରତି ମଧ ସନ୍ଦେହ ଉଠୁଛି। କେବଳ ଲୋକଦେଖାଣିଆ ଭାବେ ଫୁଡ୍ ଲାଇସେନ୍ସ ଲଗାଇ ଦୀର୍ଘଦିନ ଧରି ବେପାର ଚଳାଇ ଆସୁଥିବା ମଧ ଅଭିଯୋଗ ରହିଛି ।ଅନ୍ୟପକ୍ଷରେ ଆଶ୍ଚର୍ଯ୍ୟର ବିଷୟ ହେଲା ସ୍ଥାନୀୟ ପ୍ରଶାସନ ତରଫରୁ ଆୟୋଜିତ କେତେକ ସରକାରୀ କାର୍ଯ୍ୟକ୍ରମରେ ମଧ ଏହି ପ୍ରକାର ପାଣି ପାଉଚ ଓ ବୋତଲ ବଣ୍ଟନ ହେଉଥିବା ଦେଖାଯାଇଛି। ଏହା ନେଇ ପ୍ରଶାସନର ଭୂମିକା ଉପରେ ମଧ ସନ୍ଦେହ ପ୍ରକାଶ ପାଉଛି,ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବାକୁ ଯାଉଥିବାରୁ ପାଣି ପାଉଚ ଓ ବୋତଲର ଚାହିଦା ଆହୁରି ବୃଦ୍ଧି ପାଇବା ସ୍ୱାଭାବିକ। ତେଣୁ ଏହି ସମୟରେ ଯଦି ନକଲି ଓ ଦୂଷିତ ପାଣି ବିକ୍ରି ହୁଏ, ତେବେ ଏହା ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଗଭୀର ସମସ୍ୟା ସୃଷ୍ଟି କରିପାରେ,ଏପରି ସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବେଆଇନ ଭାବେ ପାଣି ପାଉଚ ଓ ବୋତଲ ପ୍ରସ୍ତୁତ କରୁଥିବା ସଂସ୍ଥାମାନଙ୍କ ଉପରେ କଠୋର ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି,ତେବେ ଆଗାମୀ ଦିନରେ ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ କେତେ ମାତ୍ରାରେ ସଚେତନ ହେଉଛି ତାହା ଦେଖିବାକୁ ବାକି ରହିଲା।

## ଓଡିଶା ରାଜ୍ୟ ମହିଳା କମିଶନର ଅଧକ୍ଷାଙ୍କ ୱାନ୍ ଷ୍ଟପ୍ ସେଣ୍ଟର ପରିଦର୍ଶନ



କଳାହାଣ୍ଡି, (ମହାଭାରତ) : ଓଡିଶା ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲାର ୱାନ୍ ଷ୍ଟପ୍ ସେଣ୍ଟର (ସଖି) ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ବାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣୀ ମଜିବୁନ ନିଶା, ଜିଲ୍ଲା ସଂସ୍କୃତିକ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ସହ ସୁମିତା ଦେବୀ ତ୍ରିପାଠୀ, ପ୍ରୋଟେକ୍ସନ ଅଫିସର ସନ୍ଧ୍ୟାରଣୀ ନାୟକ ଏବଂ ମହିଳା ହବ୍‌ର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ପ୍ରତିନିଧି ଦଳ ୱାନ୍ ଷ୍ଟପ୍ ସେଣ୍ଟର ମାଧ୍ୟମରେ ପୀଡିତ ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ସବିଶେଷ ଅବଗତ ହୋଇଥିଲେ। ବିଶେଷତଃ ପୀଡିତମାନଙ୍କୁ ପରାମର୍ଶ ପ୍ରଦାନ ପ୍ରକ୍ରିୟା, ମାମଲା ପଞ୍ଜିକରଣ ବ୍ୟବସ୍ଥା, ଆଇନଗତ ସହାୟତା ଏବଂ ସେଣ୍ଟରର ସମଗ୍ର ପରିଚାଳନା ବ୍ୟବସ୍ଥା ବିଷୟରେ ସମୀକ୍ଷା କରାଯାଇଥିଲା। ଶ୍ରୀମତୀ ମହାନ୍ତି ସେଣ୍ଟରର କାର୍ଯ୍ୟପ୍ରଣାଳୀକୁ ପ୍ରଶଂସା କରି କହିଥିଲେ ଯେ, କଳାହାଣ୍ଡିର ୱାନ୍ ଷ୍ଟପ୍ ସେଣ୍ଟର (ସଖି) ସୁଚାରୁ ଏବଂ ପ୍ରଭାବଶାଳୀ ଭାବରେ ପରିଚାଳିତ ହେଉଛି। ସେ ଏହାକୁ ଜିଲ୍ଲାରେ ପୀଡିତ ମହିଳାମାନଙ୍କ ପାଇଁ ଏକ ଭରସାଯୋଗ୍ୟ ଓ ସମଗ୍ର ସହାୟତା କେନ୍ଦ୍ର ଭାବେ ବର୍ଣ୍ଣନା କରିଥିଲେ ଏବଂ ସମସ୍ତ କର୍ମଚାରୀଙ୍କ ନିଷ୍ଠାପୂର୍ଣ୍ଣ ସେବାକୁ ସ୍ୱାଗତ କରିଥିଲେ।

## ୫୪ତମ ଐତିହାସିକ ଗଣିଆ ଲଙ୍କାପୋଡ଼ି ଯାତ୍ରା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା

ଗଣିଆ, (ମହାଭାରତ): ବୁଧବାର ଗଣିଆ ରାମ ମନ୍ଦିର ପରିସରରେ ଗଣିଆ ଲଙ୍କାପୋଡ଼ି ଯାତ୍ରା କମିଟିର ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ୫୪ତମ ଲଙ୍କାପୋଡ଼ି ଯାତ୍ରା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୨୭ ତାରିଖ ଶୁକ୍ରବାର ଦିନ ଶ୍ରୀରାମ ଜନ୍ମ ଓ ତାଡ଼କା ବଧ, ୨୮ ତାରିଖ ଶନିବାରଦିନ ସୀତା ବିବାହ ଓ ପର୍ଶୁରାମ ଭେଟ, ୨୯ ତାରିଖ ରବିବାର ଦିନ ଶ୍ରୀରାମ ବନବାସ, ୩୦ତାରିଖ ସୋମବାର ଦିନ ଭରତ ମିଳନ ଓ ବିରାୟୁଧ ବଧ ଓ ବେଢାବୁଲା, ୩୧ ତାରିଖ ମଙ୍ଗଳବାର ଦିନ ସୀତା ଚୋରୀ, ଏପ୍ରିଲ ୧ତାରିଖ ବୁଧବାର ଦିନ ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ ଓ ବାଳୀବଧ, ରାମ ନାଟକ ମଂଚସ୍ଥ ହେବ । ଏପ୍ରିଲ ମାସ ୨ ତାରିଖ ଗୁରୁବାର ଠାରୁ ୧୪ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ଗଣିଆ ଦଣ୍ଡଯାତ୍ରା ପାଇଁ ରାମ ନାଟକକୁ ବିଶ୍ରାମ ଦିଆଯାଇଥିବାବେଳେ ୧୫ ତାରିଖ ବୁଧବାର ଦିନ ସୀତା ଠାବ, ୧୬ ତାରିଖ ଗୁରୁବାର ବିଶ୍ରାମ, ୧୭ ତାରିଖ ଶୁକ୍ରବାର ସେତୁବନ୍ଧ ପ୍ରତିଷ୍ଠା, ରାବଣ ଛତ୍ରଭଙ୍ଗ, ଓ ବିଭୀଷଣ ଶରଣ ୧୮ତାରିଖ ଶନିବାର ଦିନ ନାଗଫାସ ବନ୍ଧନ, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ, ୧୯ତାରିଖ ରବିବାର ଦିନ ରାବଣର ବ୍ରହ୍ମଜ୍ଞାନ ଚର୍ଚ୍ଚା, ଓ ମହୀରାବଣ ବଧ, ୨୦ତାରିଖ ସୋମବାର ଦିନ ଲକ୍ଷ୍ମଣ ଶକ୍ତିଭେଦ ଓ ବିରବାହୁ ବଧ, ୨୧ ତାରିଖ ମଙ୍ଗଳବାର ଦିନ ଲଙ୍କାପୋଡ଼ି ଯାତ୍ରାର ମୁଖ୍ୟ ଉତ୍ସବ ରାବଣ ବଧ ନାଟକ ମଂଚସ୍ଥ ହେବ । ସନ୍ଧ୍ୟାରେ ସୁର୍ ସ୍ନେହା, ମେଲୋଡ଼ି ଭୁବନେଶ୍ୱର ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସଙ୍ଗୀତାକାର ଆଶୁତୋଷ ମହାନ୍ତି ଉପସ୍ଥିତ ରହିବେ । ସେହିପରି ୨୨ତାରିଖ ବୁଧବାର ଦିନ ମନ୍ଦିର ପରିସରରେ ଶ୍ରୀରାମ ଅଭିଷେକ ଅନୁଷ୍ଠିତ ହେବାକୁ ଥିବାବେଳେ ସୁରସନ୍ଧ୍ୟା ମେଲୋଡ଼ି, କଟକ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ ଗିତୀକାର ସୌଜନ୍ୟା ରଥ ଉପସ୍ଥିତ ରହିବେ, ୨୩ତାରିଖ ଗୁରୁବାର ଦିନ ସୁରଝଙ୍କାର ମେଲୋଡ଼ି, କଟକ ତରଫରୁ ଓଡ଼ିଶାର ସୁନାମଧନ୍ୟ ଗୀତିକାର ସ୍ମିତା ପଣ୍ଡା ଉପସ୍ଥିତ ରହିବେ । ସେହିପରି ୨୪ ତାରିଖ ଶୁକ୍ରବାର ଦିନ ଲଙ୍କାପୋଡ଼ି ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଉଦଯାପନୀ ଦିବସରେ ସମ୍ବଲପୁରର ରୁକ୍?ସୁନା ମେଲାଡ଼ିର ତାଳେତାଳେ ଦର୍ଶକ ଝୁମିବେ । ଆଜିର ବୈଠକରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା, ସମ୍ପାଦକ ଉମାକାନ୍ତ ଦାଶ, ଉପସଭାପତି ଅଶୋକ କୁମାର ବେହେରା, ସହସମ୍ପାଦକ ବିଶ୍ୱରଂଜନ ସେଠୀ, କୋଷାଧକ୍ଷ, ଗିରିଧାରୀ ସେଠୀ, ସମିତିସଭ୍ୟ ଫକୀର ମୋହନ ଡାକୁଆ ଉପଦେଷ୍ଟା ବିଭୁତିଭୁଷଣ ପଣ୍ଡା, ଚନ୍ଦ୍ରଶେଖର ଦାଶ, ମହାବୀର ମିଶ୍ର, ସୁନିଲ କୁମାର ସାହୁ, ଲକ୍ଷ୍ମୀଧର ବେହେରା, ସୁଶାନ୍ତ କୁମାର ବେହେରା, ଅଜୟ କୁମାର ସେଠୀ, ଭାଗିରଥି ଗଡ଼ନାୟକ, ଚିତରଂଜନ ସାହୁ, , ସସ୍ମିତା ମିଶ୍ର, ପବନା ଅମାୟନ୍ତ, ଲିଙ୍କନ ଦାଶଙ୍କ ସମେତ ଲଙ୍କାପୋଡ଼ି ଯାତ୍ରା କମିଟିର ସଭ୍ୟମାନେ ଉପସ୍ଥିତ ରହି ଚଳିତ ବର୍ଷ ୫୪ତମ ଲଙ୍କାପୋଡ଼ି ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାକୁ ସରସ ସୁନ୍ଦର କରିବା ପାଇଁ ନିଷ୍ପତି ନେଇଥିଲେ ।

## ବାରହା ଶିକାର ଘଟଣାସ୍ଥଳକୁ ପରିଦର୍ଶନ କଲେ ତଦନ୍ତକାରୀ ଅଧିକାରୀ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ପୋଇପାଣି ବିଟ୍ ରେ ଗତ ରବିବାର ଦିନ ଏକ ଜଙ୍ଗଲୀ ବାରହା ମାରିବା ଅପରାଧରେ ପୋଇପାଣି ଗ୍ରାମର ବିରବଲ ମହାନ୍ତଙ୍କୁ ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିବା ପରେ ଆଜି ସେହି କେସ ର ତଦନ୍ତକାରୀ ସେହି ମାମଲା ର ତଦନ୍ତ ନିମନ୍ତେ ଆଇଏଫ୍ଏସ ପ୍ରତୀକ ଇଂଡଲକର ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ରେ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର, ବନରକ୍ଷୀ ରାଜେଶ୍ ଜେନା ଉପସ୍ଥିତ ଥିଲେ। ଏହି ବାରହା ଶିକାର ଘଟଣା ସମ୍ପୃକ୍ତ ରହିଥିବା ଅନ୍ୟ ଅପରାଧୀ ମାନ ଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି ।

## କୃତ୍ରିମ ଗ୍ୟାସ ସଙ୍କଟ, କଳାବଜାରୀ ପାଇଁ ଜନସାଧାରଣ ହନ୍ତସନ୍ତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ଯେଉଁଟା କି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିଜ ଜିଲ୍ଲା ସେହି ଜିଲ୍ଲାର ହିନ୍ଦୋଳ ବିଧାନସଭା କ୍ଷେତ୍ରରେ ଜନସାଧାରଣଙ୍କୁ ଗ୍ୟାସ ଅଭାବ ଚିନ୍ତା ।ଅପାରଗତା ଲୁଚାଇବାକୁ ଯାଇ ଗ୍ୟାସ ବୁକିଂ ଅବଧି ୨୧ରୁ୨୫ ତାପରେ ସିଧା ୪୫ଦିନ ଘୁଞ୍ଚାଇ ଦିଆଗଲା ଏପରିକି ଗ୍ୟାସ ଏଜେନସି ମାନେ ମୋବାଇଲ ଅପ କରିଦେଲେଣି ।ଏହାର ସୁଯୋଗ ନେଇ ସରକାରଙ୍କ ଜାଣତରେ କଳାବଜାରୀ କରିବା ପାଇଁ କିଛି ଅସାଧୁ ବ୍ୟବସାୟୀ ଉଦ୍ୟମ ଆରମ୍ଭ କରିଦେଇଥିବା ଅଭିଯୋଗ ହେଉଛି । କିଛି ଦିନ ପୂର୍ବରୁ ସରକାର ଏକକାଳୀନ ଗ୍ୟାସ ମୂଲ୍ୟରେ ଷାଠିଏ ଟଙ୍କା ବୃଦ୍ଧି ଘୋଷଣା କରିଥିଲେ ଯାହାକି ଲୋକଙ୍କ ବଜେଟ୍ କୁ ବହୁତ ବାଧିଥିଲା ମାତ୍ର ତାକୁ ଲୋକମାନେ କଳାକର୍ମକୁ ଆଦରି ମୁଣ୍ଡପାତି ସହିଯାଇଥିଲେ । ଏବେ ରୋଷେଇ ଘରେ ଗ୍ୟାସର କୃତ୍ରିମ ଅଭାବ ଦେଖା ଦେଲାଣି ଯାହାକି ଅସହ୍ୟ ହୋଇଛି । ହିନ୍ଦୋଳର କୁକୁଟା, କାରନ୍ଦା, ଦୁଦୁରକୋଟ, ହିନ୍ଦୋଳ, ରାସୋଳ ଆଦି ସ୍ଥାନରେ ବିତରକ ମାଧ୍ୟମରେ ଇଣ୍ଡେନ୍, ଭାରତ ଆଦି କମ୍ପାନୀର ଗ୍ୟାସ ଯୋଗାଇ ଦିଆଯାଉଛି ।

# ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗ ଉପସଚିବଙ୍କ ଚିଠି

### ଖୋର୍ଦ୍ଧା ସବ୍ ରେଜିଷ୍ଟ୍ରାରଙ୍କ ଅତନୁ କୁମାର ପାତ୍ର ବିରୁଦ୍ଧରେ ହୋଇଥିବା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ସହିତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ



ଖୋର୍ଦ୍ଧା : (ମହାଭାରତ) ଖୋର୍ଦ୍ଧା ଉପନିବନ୍ଧକଙ୍କ ନାମରେ ଆସିଛି ସାଂଘାତିକ ଅଭିଯୋଗ । ଉପନିବନ୍ଧକଙ୍କ କାର୍ଯ୍ୟାଳୟ ପାଲଟିଛି ଦୁର୍ନିତିର ଗନ୍ତାଘର । ଉତ୍କୋଚ ବିନା ହେଉନି କୌଣସି ସରକାରୀ କାର୍ଯ୍ୟ । ଉପନିବନ୍ଧକ ନିଜେ ଲୋକଙ୍କ ଠାରୁ ହାତଗୁଞ୍ଜା ନେଉଥିବା ବେଳେ ନେଇ ଠାକୁରଙ୍କ ନିୟମ ପକାଇ ବାହାରେ ନ କହିବାକୁ ବାରଣ କରାଯାଇଥିବା ନେଇ କେତେକ ଆଇନଜିବୀ ରାଜସ୍ୱ ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରା ଯାଇଥିବା ବେଳେ ଯଥାଶୀଘ୍ର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ବିଭାଗ ଉପସଚିବ ମନମୋହନ ଦାସ ଜିଲ୍ଲାପାଳ ଖୋର୍ଦ୍ଧାଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅଭିଯୋଗ ମୁତାବକ, ଖୋର୍ଦ୍ଧା ଉପନିବନ୍ଧକ ଅତନୁ କୁମାର ପାତ୍ର ବିଭିନ୍ନ ଦୁର୍ନିତୀରେ ବୁଡ଼ି ରହିଥିବା ବେଳେ ବିଭିନ୍ନ ପାର୍ଟ ପ୍ଲଟ ପଞ୍ଜୀକରଣ ବାବଦକୁ ଦଶ ହଜାରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦାବି କରୁଛନ୍ତି । ଏଥିରେ ସହମତି ପ୍ରକାଶ କରୁନଥିବା ଲୋକଙ୍କ ରେଜିଷ୍ଟ୍ରେସନ କରିବାକୁ ସଫା ସଫା ମନା କରୁଛନ୍ତି । ସରକାରଙ୍କ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ନିୟମକୁ ମଧ୍ୟ ମାନୁନାହାଁନ୍ତି ଶ୍ରୀ ପାତ୍ର । ଦଲିଲ ରେଜିଷ୍ଟ୍ରେସନ ଫରମାଟକୁ ମଧ୍ୟ ମନଇଚ୍ଛା ବଦଳାଇ ସେଥିରେ ଗ୍ରହୀତଙ୍କ ନାମ ଓ ଧାମ ରଖୁନାହାନ୍ତି । ଏପରିକି ଜମି ସ୍ୱତାଧିକାରୀଙ୍କ ମଧ୍ୟରୁ ଜଣେ ଉତରାଧିକାରୀ ନିଜସ୍ୱ ଭାଗଜମି ବିକ୍ରି କରିବା ପାଇଁ ଚାହିଁଲେ ମଧ ବିଭିନ୍ନ ଆଳ ଦେଖାଇ ଫେରାଇ ଦେଉଛନ୍ତି । ସରକାରଙ୍କ ନିୟମ ଅନୁସାରେ ଯଦି କେହି ନିଜର ଚାଷ ଜମି କିମ୍ବା ଘରବାରୀ କିସମ ଥିବା ଜମିର ପାର୍ଟ ପ୍ଲଟ କଲେ, ସେଥିପାଇଁ 'ଗ' ଏବଂ 'ଘ' ଫର୍ମ ଲାଗି ରେଜିଷ୍ଟ୍ରେସନ ହେବା କଥା । ମାତ୍ର ଯେଉଁମାନେ 'ଗ' ଏବଂ 'ଘ' ଫର୍ମ ଲଗାଇ ପାର୍ଟ ପ୍ଲଟ କରିବେ ତାଙ୍କୁ ୧୦ହଜାର ଏବଂ 'ଗ' ଏବଂ 'ଘ' ଫର୍ମ ନ ଲଗାଇ ରେଜିଷ୍ଟ୍ରେସନ କରାଇଲେ ୨୦ ହଜାର ରୁ ୩୦ ହଜାର ଟଙ୍କା ଦେବାକୁ ସେ ଦାବୀ କରୁଥିବା ଅଭିଯୋଗରେ ଦର୍ଶାଯାଇଛି । ଟଙ୍କା ନଦେଲେ ରେଜିଷ୍ଟ୍ରେସନ ହେବନାହିଁ ରୋକଠୋକ ମନା କରୁଛନ୍ତି। ଏପରିକି ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ରେଜିଷ୍ଟ୍ରେସନ କରିବାକୁ ଆସି ଘଣ୍ଟା ଘଣ୍ଟା ଧରି ସବ୍ ରେଜିଷ୍ଟ୍ରାରଙ୍କୁ ଅପେକ୍ଷା କରି ରହୁଥିବାବେଳେ ସେ ନିଜ ଚୌକିରେ ନ ରହି ମୋହରିର ଏବଂ ଦଲାଲମାନଙ୍କ ସହିତ ଟଙ୍କା ନେଣଦେଣ ସ୍ଥିର ହେଲାପରେ ଦଲିଲ ରେଜିଷ୍ଟ୍ରେସନ କରୁଛନ୍ତି । ଯିଏ ତାଙ୍କ କଥାରେ ରାଜି ହେଉନାହାନ୍ତି ତା' ଦଲିଲକୁ ଫେରାଇ ଦେଉଥିବା ବେଳେ ଦଲିଲ ବ୍ୟାକ୍ ପାଇଁ ଦରଖାସ୍ତ ଦେବାକୁ ବାଧ କରୁଥିବା ଅଭିଯୋଗ ହୋଇଛି । ଏହା ସହିତ ସ୍ଥାନୀୟ ଓକିଲମାନେ କାର୍ଯ୍ୟାଳୟକୁ ଆଣୁଥିବା କାମକୁ କରୁନଥିବା ବେଳେ ଦଲାଲମାନେ ମୋଟା ଅଙ୍କର ଅର୍ଥ ଦେଇ ସେହି କାମକୁ ହାତେଇ ନେଉଥିବା ଅଭିଯୋଗ ହୋଇଛି । ସରକାରୀ ନିୟମ ଅନୁସାରେ ଘରବାରୀ ପ୍ଲଟ ଗୋଟିଏ ଥର ରେଜିଷ୍ଟ୍ରେସନ ହୋଇପାରିବ କିନ୍ତୁ ଉକ୍ତ ଅଧିକାରୀ ବିଭିନ୍ନ ସମୟରେ ୫୦ ହଜାରରୁ ୮୦ହଜାର ଟଙ୍କା ପର୍ଯ୍ୟନ୍ତ ହାତଗୁଞ୍ଜା ନେଇ ଦ୍ୱିତୀୟ ଥର ଉକ୍ତ ଜମିକୁ ବିକ୍ରୟ ପାଇଁ ଅନୁମତି ପ୍ରଦାନ କରୁଥିବା ନେଇ ମଧ ଅଭିଯୋଗ ହୋଇଛି । ଏପରି କି ହୋମ୍ ଭିଜିଟ୍ ରେଜିଷ୍ଟ୍ରେସନ ପାଇଁ ବିଭିନ୍ନ ଆଳ ଦେଖାଇ ୩୦ ରୁ ୫୦ ହଜାର ଟଙ୍କା ନେଇ ଭିଜିଟ୍ ରେଜିଷ୍ଟ୍ରେସନ କରୁଛନ୍ତି । ଦାବି ଅର୍ଥ ନ ମିଳିବା ପର୍ଯ୍ୟନ୍ତ ବିଭିନ୍ନ ବାହାନା କରି ଭିଜିଟ୍ ନକରିବା ପାଇଁ ତାରିଖ ପରେ ତାରିଖ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି । ସେହିପରି ଅଫିସ କାର୍ଯ୍ୟ ଅପରାହ୍ନ ୫.୩୦ ମଧ୍ୟରେ ସାରିବାକୁ ସରକାରଙ୍କ ନିୟମ ରହିଥିଲେ ମଧ ଉପନିବନ୍ଧକ ୭.୩୦ ରୁ ୮ଟା ପର୍ଯ୍ୟନ୍ତ ଅଫିସରେ ରହି ଦଲାଲମାନଙ୍କୁ ଡାକି ଦୈନିକ ଆଦାୟ ଅର୍ଥରୁ ହିସାବକରି ନିଜ ଭାଗ ନେଉଥିବା ବାବଦରେ ମଧ ଅଭିଯୋଗ ହୋଇଛି । ତେବେ ଅଭିଯୋଗକୁ ଗୁରୁତର ସହ ଗ୍ରହଣ ରାଜସ୍ୱ ବିଭାଗ ଉପସଚିବ ଶ୍ରୀ ଦାସ ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବା ସହିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାପାଳଙ୍କୁ ଚିଠି କରି ନିର୍ଦ୍ଦେଶ ଦେଇଛନ୍ତି ।

## ବାଲି ଚୋରା ଚାଲାଣ ବେଳେ ୧୭ ହାଇୱା ଗୋଟିଏ ଜେସିବି ଜବତ

ଆସିକା(ମହାଭାରତ): ଆସିକା କେନ୍ଦୁପଦର ନଦୀ ଘାଟରେ ୧୬୩ ଧାରା ସତ୍ତ୍ୱେ ବାଲି ଚୋରା ଚାଲାଣ ବେଳେ ୧୭ ହାଇୱା ଗୋଟିଏ ଜେସିବି ଜବତ। ପ୍ରକାଶ ଥାଉକିଆସିକା ତହସିଲ ଦୁଇଟି ନଦୀ ରହିଛି । କେତେକ ର୍ନିଦ୍ଧିଷ୍ଟ ବାଲି ଘାଟ ନିଲାମ ହୋଇଥିଲା ବେଳେ ଅନେକ ବେଆଇନ ଘାଟରୁ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ବାଲି ଚୋରା ଚାଲାଣ ହେଉଛି। ଏହି ସବୁ ବାଲି ଘାଟରୁ ଜେସିବି ମେସିନ ଦ୍ୱାରା ଶହ ଶହ ହାଇୱା ବାଲି ଜିଲ୍ଲା ଓ ଜିଲ୍ଲା ବାହାରେ ବହୁ ଚଢ଼ା ଦରରେ ବିକ୍ରି ହେଉଛି। ଏଥି ପାଇଁ ସ୍ଥାନୀୟ ଗ୍ରାମବାସୀ ବିଭିନ୍ନ ରାଜନୈତିକ ସଂଗଠନ ଯୁବ ଗୋଷ୍ଠୀ ବିରୋଧ କରିବା ପରେ ପୋଲିସ, ତହସିଲଦାର, ଉପଜିଲ୍ଲାପାଳ, ନାମକୁ ମାତ୍ର କେତେବେଳେ ଫାଇନତ କେତେବେଳେ କୋର୍ଟ ଚାଲାଣ କରୁଛନ୍ତି।ଏହା ସତ୍ତ୍ୱେ ତଳ ଦିନେ ଏହି ସବୁ ବେଆଇନ ବାଲି ଘାଟରେ ବାଲି ଚୋରା ଚାଲାଣ ଅଭିଯୋଗ ହେବାରୁ ଆସିକା ତହସିଲ ପକ୍ଷରୁ ଉପଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଘାଟରେ ୧୬୩ ଧାରା ଲାଗୁ କରାଯାଇଛି। ଏହି ୧୬୩ ଧାରା ବଳବତ୍ତର ରହିଥିବା ସତ୍ତ୍ୱେ ଗତ ଦୁଇଦିନ ଧରି ଆସିକା ତହସିଲ ଜୟପୁର ପଞ୍ଚାୟତ ଅଧୀନ ଋଷିକୁଲ୍ୟା ନଦୀର କେନ୍ଦୁପଦର ବେଆଇନ ବାଲି ଘାଟରୁ ରାତି ଅଧିଆ ଜେସିବି ମେସିନ ଦ୍ୱାରା



୧୭ଟି ହାଇୱାରେ ବାଲି ଚୋରା ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳ ବାସୀ ଯୁବ ଗୋଷ୍ଠୀ ର୍ନିଦ୍ଧିଷ୍ଟ ରାଜନୈତିକ ଗୋଷ୍ଠୀ ସ୍ଥାନୀୟ ଆସିକା ଖଣି ବିଭାଗୀୟ ଅଧିକାରୀଙ୍କୁ ଓ ପୋଲିସ କୁ ଜଣାଇବାପରେ ପରସ୍ପର ମଧ୍ୟରେ ପଦକ୍ଷେପ ନେବା ପାଇଁ ବିଳମ୍ବ କରିଥିଲେ।ଏହି ଘଟଣା ବିଷୟରେ ଜିଲ୍ଲା ଆରକ୍ଷୀ ଅଧିକାରୀ ଓ ଜିଲ୍ଲା ପାଳଙ୍କ ନିକଟରେ ଅଭିଯୋଗ ପରେ ଆରକ୍ଷୀ ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ କବିସୂର୍ଯ୍ୟନଗର ଥାନାରେ କାର୍ଯ୍ୟରତ ପ୍ରୋବେସନର ଆଇପିଏସ ନୀତେଶ ମିଶ୍ର,ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ନଦୀ ମଧ୍ୟକୁ ଯିବା ପାଇଁ ର୍ନିମାଣ ହୋଇଥିବା ଅସ୍ଥାୟୀ ରାସ୍ତା, ଘାଟ ନିକଟରେ ର୍ନିମାଣ ହୋଇଥିବା ଅସ୍ଥାୟୀ ଗୃହ ଓ ସେଥି ମଧ୍ୟକୁ ବିଦ୍ୟୁତ ସଂଯୋଗ ହୋଇଥିବା ଦେଖି ଚକିତ ହୋଇ ଥିଲେ। ବାଲି ଚାଲାଣ ରେ ସମ୍ପୃକ୍ତ ବ୍ୟକ୍ତି ମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଆଇ ପିଏସ ଙ୍କ ନିର୍ଦ୍ଦେଶ କ୍ରମେ ଆସିକା ତହସିଲଦାର ସଂଗୀତା ସେଣ, କୋଟିନଡ଼ା ଥାନା ଅଧିକାରି ଦାମୋଦର ବିହାରୀ ଉପସ୍ଥିତରେ ଘାଟରେ ଥିବା ୧୭ଟି ହାଇୱା ଓ ଗୋଟିଏ ଜେସିବି ମେସିନ କୁ ଜବତ କରଥିଲେ।ବର୍ତ୍ତମାନ ସୁଦ୍ଧା ଗାଡି ଓ ଜେସିବି ମେସିନ ନଦୀ ମଧ୍ୟରେ ରହିଛି।ଅନ୍ୟପଟେ ଗତକାଲି ରାତିରେ ଏହି ଘଟଣା ସ୍ଥଳରୁ ଫେରୁଥିବା ସମୟରେ ଆଇପିଏସ ନୀତେଶ ମିଶ୍ର ବେଆଇନ ବାଲି ଗାଡି ଯାଞ୍ଚ ସମୟରେ ବିନା ଟ୍ରାଂଜିଟ ପାସ ରେ ଯାଉଥିବା ୪ଗୋଟି ବାଲି ବୋଝେଇ ହାଇୱାକୁ ଜବତ କରି ଆସିକା ଥାନାକୁ ହସ୍ତାନ୍ତର କରିଥିବା ସୂଚନା ରହିଛି।

## ଖମ୍ବେଶ୍ୱରୀ ମନ୍ଦିରରୁ ଚୋରି ଅଳଙ୍କାର ଉଦ୍ଧାର



ଆସିକା (ମହାଭାରତ): ଗତ ୧୩ ତାରିଖ ମଧ ରାତ୍ରି ରେ ଆସିକାର ଅଧିଷ୍ଠାତ୍ରୀ ଦେବୀ ମାଆ ଖମ୍ବେଶ୍ୱରୀ ଚୋରିଯାଇଥିବା ଅଳଙ୍କାର ଆଜି ଦୁର୍ବୃତ୍ତମାନେ ସହରର ଅନ୍ୟ ପ୍ରସିଦ୍ଧ ଗୋପୀନାଥ ମନ୍ଦିର ମୁଖ୍ୟ ଫାଟକ ନିକଟରୁ ମିଳିଛି। ପ୍ରକାଶ ଥାଉକି ଗତ ୧୩ ତାରିଖ ମଧ ରାତ୍ରି ରେ ଆସିକାର ଅଧିଷ୍ଠାତ୍ରୀ ଦେବୀ ମାଆ ଖମ୍ବେଶ୍ୱରୀ ଙ୍କମନ୍ଦିର ସି ସି ଟିଭି କେମେରା ତାର କଟି ଗର୍ଭ ଗୃହ ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ମାଙ୍କ ଆଖି, ତ୍ରିନେତ୍ର,ଭ୍ରୁଲତା, ଜିଭ,ଦାନ୍ତ ,ନୋଥ, କାନର ଚୋରି କରିନେଇଥିଲେ। ଏନେଇ ଆସିକା ଥାନାରେ ଅଭିଯୋଗ ହୋଇଥିଲା ।ପୋଲିସ ନାମକୁ ମାତ୍ର ତଦନ୍ତ ସାରି ଚୁପ ରହିଥିଲା ବେଳେ ଶେଷରେ ଏକ ଚଳଚ୍ଚିତ୍ର ଢଙ୍ଗରେ ଚୋରି ଅଳଙ୍କାର ଆଜି ସକାଳୁ ଖମ୍ବେଶ୍ୱରୀ ପାଟଣା ସ୍ଥିତ ଗୋପୀନାଥ ମନ୍ଦିର ମୁଖ୍ୟ ଫାଟକ ନିକଟରୁ ଉଦ୍ଧାର ହୋଇଛି।

## ଆସିକାର ବିଭିନ୍ନ ଗ୍ୟାସ ଡିପୋ ଓ ହୋଟେଲରେ ବିଭାଗୀୟ ଅଧିକାରୀ ଙ୍କ ମିଳିତ ଚଢ଼ାଉ

ଆସିକା (ମହାଭାରତ): ଆସିକାର ବିଭିନ୍ନ ଗ୍ୟାସ ଡିପୋ ଓ ହୋଟେଲରେ ବିଭିନ୍ନ ପ୍ରଶାସନିକ ବିଭାଗୀୟ ଅଧିକାରୀଙ୍କ ମିଳିତ ଚଢ଼ାଉ ହୋଇଛି ।ଆଜି ସକାଳ ସମୟରେ ଆସିକା ଅତିରିକ୍ତ ତହସିଲଦାର ଅମରେଶ କୁମାର ସାବତ,ଆସିକା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଆସିକା ଯୋଗାଣ ବିଭାଗ ଅଧିକାରୀ ଶ୍ରମିଷ୍ଠା ଦଳବେହେରା, ଆସିକା ଥାନା ଏ ଏସ ଆଇ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଆସିକା ସୁନାମ୍ଭ ସାହି ସ୍ଥିତ ହିନ୍ଦୁସ୍ତାନ ପେଟ୍ରୋଲିୟମ ଗ୍ୟାସ ଡିପୋ, କଳିଙ୍ଗ ରୋଡ଼ ସ୍ଥିତ ଇଣ୍ଡିଆନ ଗ୍ୟାସ ଡିପୋ ରେ କେତେ ପରିମାଣର ଗ୍ୟାସ ଗଚ୍ଛିତ ରହିଛି ଯାଞ୍ଚ କରିଥିଲେ । ଗ୍ୟାସ ଡିପୋ ରେ ଠିକ ଭାବେ ଗ୍ୟାସ ବିତରଣ କରାଯାଉଛି କି ନାହିଁ ତାହା ତଦାରଖ କରିଥିଲେ। ଯେତେ ସମ୍ଭବ କଳାବଜାରୀ ରୋକିବା ପାଇଁ ଡିପୋ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଆସିକାର ବିଭିନ୍ନ ହୋଟେଲ ଯାଞ୍ଚ କରିବା ସହିତ ସ୍ୱଚ୍ଛତା ଖାଦ୍ୟର ମାନ ଯାଞ୍ଚ କରିଥିବା ଲକ୍ଷ କରାଯାଇଛି।

## ସାଇବର ଠକେଇ କାର୍ଯ୍ୟକ୍ରମ ଅନୁଷ୍ଠିତ

ବିଷମକଟକ,(ମହାଭାରତ): ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ,ବିଷମକଟକ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ସାଇବର ଠକେଇ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଉଚ୍ଚ ମାଧ୍ୟମିକ ପରିଷଦ ସହାୟତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଉମାଶଙ୍କର ନେମାଲ ପୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଯୋଗ ଦେଇ ସାଇବର ଠକେଇ ବାବଦରେ ଦୃଷ୍ଟି ଆକର୍ଷଣ କରିବା ସହ ସ୍ୱେଚ୍ଛା ସେବି ମାନଙ୍କୁ ସଚେତନ କରାଇ ଥିଲେ ।ପୁଣି ସ୍ୱେଚ୍ଛାସେବୀ ମାନଙ୍କ ସାଇବର ଠକେଇରୁ କେମିତି ନିଜକୁ ସୁରକ୍ଷିତ ରଖି ପାରିବେ ସେ ସଂପର୍କରେ ସଚେତନ କରି ପିଲାଙ୍କ ମନର ସନ୍ଦେହ କୁ ଦୂର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପକ କେଦାର ସାହୁକାର ମଞ୍ଚ ପରିଚାଳନା କରିଥିଲେ । ଜାତୀୟସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତଥା ରସାୟନ ବିଜ୍ଞାନର ଅଧ୍ୟାପକ କର୍ମେନ୍ଦ୍ର ସାହୁ ଉକ୍ତ କାର୍ଯ୍ୟ କ୍ରମ ଆୟୋଜନ କରିଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଆଦିବାସୀ ହିନ୍ଦୁ ଓ ଧର୍ମାନ୍ତରିତ ଖ୍ରୀଷ୍ଟିୟାନ ମଧ୍ୟରେ ବିବାଦ: ଥାନାରେ ସମାଧାନ ବୈଠକ



କରଞ୍ଜିଆ (ମହାଭାରତ) ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅନ୍ତର୍ଗତ ଭଲିଆଡାଳ ଗ୍ରାମରେ ପରମ୍ପରା ଓ ଗ୍ରାମର ନୀତି ନିୟମ କୁ ନେଇ ଦୀର୍ଘ ଦିନ ଧରି ଚାଲିଥିବା ବିବାଦ ର ସମାଧାନ ପାଇଁ ଉଭୟ ପକ୍ଷ ଙ୍କୁ ନେଇ ଗୁରବାର ଦିନ ମହୁଲଡ଼ିହା ଥାନାରେ ତହସିଲଦାର, ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତ ରେ ଏକ ସମାଧାନ ର ବୈଠକ ହୋଇ ଆପୋଷ ବୁଝାମଣା ହୋଇ ଥିବାର ଜଣା ଯାଇଛି ।ଭାଲିଆଡାଳ ଗ୍ରାମରେ ଥିବା ଧର୍ମାନ୍ତରିତ ଆଦିବାସୀ ଖ୍ରୀଷ୍ଟିୟାନ ମାନେ ଗ୍ରାମରେ ଥିବା ଅନ୍ୟ ହିନ୍ଦୁ ଆଦିବାସୀ ଙ୍କ ପୂଜା ପାର୍ବଣ ସମୟରେ ଥିବା ଗ୍ରାମ ନୀତି ନିୟମ କୁ ନ ମାନିବା କୁ ନେଇ ଉଭୟ ପକ୍ଷ ଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା ।ସୃଷ୍ଟି ହୋଇଥିବା ବିବାଦ ଅପ୍ରତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ଗତ ଫେବୃଆରୀ ମାସ ୨୬ ତାରିଖ ଦିନ ଭାଲିଆଡାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସର ରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ସମାଧାନ ବୈଠକରେ ଏବିଡ଼ିଓ, ତହସିଲଦାର ,ସ୍ଥାନୀୟ ପୋଲିସ ଙ୍କ ଉପସ୍ଥିତ ରେ ଉଭୟ ପକ୍ଷ ଉପସ୍ଥିତ ଥିଲେ ।ସେଠାରେ ଉଭୟ ପକ୍ଷ ଗ୍ରାମର ନୀତି ନିୟମ ମାନି ବାକୁ ନିଷ୍ପତ୍ତି ନେଇଥିଲେ ।କିନ୍ତୁ ପରେ ପୁଣି ଉଭୟ ପକ୍ଷ ଙ୍କ ମଧ୍ୟରେ ଗ୍ରାମର ପୂଜା ନୀତିନିୟମ କୁ ଗୋଟିଏ ପକ୍ଷ ଉଲ୍ଲଙ୍ଘନ କରିବା ପରେ ପୁଣି ବିବାଦ ଉପୁଜି ଥିଲା ।ଏଥି ନିମନ୍ତେ ଗୁରବାର ପୁଣି ଉଭୟ ପକ୍ଷ ଙ୍କୁ ନେଇ ମହୁଲଡ଼ିହା ଥାନାରେ ଶାନ୍ତି ବୈଠକ ହୋଇ ବିବାଦ ତୁଟାଇ ନୀତି ନିୟମ କୁ ଉଭୟ ପକ୍ଷ ମାନିବାକୁ ନିଷ୍ପତ୍ତି ହୋଇଥିଲା।

## କୃତ୍ରିମ ଗ୍ୟାସ ସଙ୍କଟ, କଳାବଜାରୀ ପାଇଁ ଜନସାଧାରଣ ହନ୍ତସନ୍ତ



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ଯେଉଁଟା କି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିଜ ଜିଲ୍ଲା ସେହି ଜିଲ୍ଲାର ହିନ୍ଦୋଳ ବିଧାନସଭା କ୍ଷେତ୍ରରେ ଜନସାଧାରଣଙ୍କୁ ଗ୍ୟାସ ଅଭାବ ଚିନ୍ତା ।ଅପାରଗତା ଲୁଚାଇବାକୁ ଯାଇ ଗ୍ୟାସ ବୁକିଂ ଅବଧି ୨୧ରୁ୨୫ ତାପରେ ସିଧା ୪୫ଦିନ ଘୁ□ାଇ ଦିଆଗଲା ଏପରିକି ଗ୍ୟାସ ଏଜେନସି ମାନେ ମୋବାଇଲ ଅପ କରିଦେଲେଣି ।ଏହାର ସୁଯୋଗ ନେଇ ସରକାରଙ୍କ ଜାଣତରେ କଳାବଜାରୀ କରିବା ପାଇଁ କିଛି ଅସାଧୁ ବ୍ୟବସାୟୀ ଉଦ୍ୟମ ଆରମ୍ଭ କରିଦେଇଥିବା ଅଭିଯୋଗ ହେଉଛି । କିଛି ଦିନ ପୂର୍ବରୁ ସରକାର ଏକକାଳୀନ ଗ୍ୟାସ ମୂଲ୍ୟରେ ଷାଠିଏ ଟଙ୍କା ବୃଦ୍ଧି ଘୋଷଣା କରିଥିଲେ ଯାହାକି ଲୋକଙ୍କ ବଜେଟ୍ କୁ ବହୁତ ବାଧିଥିଲା ମାତ୍ର ତାକୁ ଲୋକମାନେ କଳାକର୍ମକୁ ଆଦରି ମୁଣ୍ଡପାତି ସହିଯାଇଥିଲେ । ଏବେ ରୋଷେଇ ଘରେ ଗ୍ୟାସର କୃତ୍ରିମ ଅଭାବ ଦେଖା ଦେଲାଣି ଯାହାକି ଅସହ୍ୟ ହୋଇଛି । ହିନ୍ଦୋଳର କୁକୁଟା, କାରନ୍ଦା, ଦୁଦୁରକୋଟ, ହିନ୍ଦୋଳ, ରାସୋଳ ଆଦି ସ୍ଥାନରେ ବିତରକ ମାଧ୍ୟମରେ ଇଣ୍ଡେନ୍, ଭାରତ ଆଦି କମ୍ପାନୀର ଗ୍ୟାସ ଯୋଗାଇ ଦିଆଯାଉଛି। ବୁକିଙ୍ଗ ନମ୍ବରରେ ବୁକ୍ କରି ଗ୍ୟାସକୁ ହୋମ୍ ଡେଲିଭରି ମଧ୍ୟରେ କମ୍ପାନୀଗୁଡିକ ନିଜ ଗାଡିରେ ଗ୍ରାହକମାନଙ୍କ ଘରେ ଗ୍ୟାସ ପହଞ୍ଚାଇ ଦେଉଥିଲେ । ମାତ୍ର ଏବେ ଗ୍ୟାସ ବୁକିଙ୍ଗ ଫୋନ୍ ନମ୍ବରକୁ ବ୍ଲକ କରି ଦିଆଯାଇଛି ଓ ଏବେ ଫୋନ ମାଧ୍ୟମରେ ଗ୍ୟାସ ବୁକ୍ କରି ହେଉନାହିଁ । ଫଳରେ ସରକାର ଗ୍ୟାସର ଅଭାବ ନାହିଁ କହୁଥିବା ବେଳେ ଲୋକଙ୍କୁ ରୋଷେଇ ପାଇଁ ଗ୍ୟାସ ମିଳୁ ନାହିଁ ।ବହୁ ହୋଟେଲ ଢାବାକୁ, ବ୍ୟବସାୟୀକ ଅନୁଷ୍ଠାନକୁ ଅତି ସହଜରେ ଗ୍ୟାସ ମିଳୁଥିବା ବେଳେ ସାଧାରଣ ଲୋକ ଗ୍ୟାସଟିଏ ବୁକିଙ୍ଗ କରି ନ ପାରି ବହୁ ହଇରାଣ ହେଉଥିବା ଦେଖାଯାଉଛି ।ଯାହାକି ପୂର୍ବରୁ କେବେ ଏଭଳି ଦେଖାଯାଉ ନଥିଲା । ଏଠାରେ ଗ୍ରାହକମାନଙ୍କୁ ମଧ୍ୟ ବିଭିନ୍ନ ଉପାୟରେ ହଇରାଣ କରାଯାଉଥିବାର ଅଭିଯୋଗ ହେଉଛି । ଭାରତ ସରକାର ଏବଂ ରାଜ୍ୟ ସରକାର ଗ୍ୟାସର ଅଭାବ ନାହିଁ କହୁଥିବା ବେଳେ ଚଢା ଦରରେ କଳା ବଜାରରେ କିଲୋ ପ୍ରତି ୧୨୦ ଟଙ୍କାରେ ମିଳୁଛି ଗ୍ୟାସ । ଗ୍ୟାସ ସିଲିଣ୍ଡରର ଏ କୃତ୍ରିମ ଅଭାବ କଣ ପାଇଁ ଯୋଗାଣ ବିଭାଗ ଯଥାଶୀଘ୍ର ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିବା ଉଚିତ। ପର୍ଯ୍ୟାପ୍ତ ଗ୍ୟାସ ଥାଇ ଲୋକଙ୍କୁ ଏଭଳି ହଇରାଣର କାରଣ ପ୍ରଭାବଶାଳୀ କ୍ଷମତାଶାଳୀ ମାନଙ୍କ କଳାଟଙ୍କା ରୋଜଗାର ପାଇଁ ନୁହେଁ ତ ବୋଲି ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି ।ମାସକୁ ମାସ ଗ୍ୟାସ ଯୋଗାଣ ସ୍ୱାଭାବିକ କରିବା ପାଇଁ ହିନ୍ଦୋଳ ଜନସାଧାରଣ ଦାବି କରିବାସହ ଆନ୍ଦୋଳନକୁ ଉଲ୍‌ହାଇବାକୁ ପଛେଇବୁନି ବୋଲି କହିଛନ୍ତି।

## ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ଦିବସ ପାଳିତ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମ ପଂଚାୟତ ର ଗୋପୀନାଥ ଜୀଉ ମନ୍ଦିର ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ଦିବସ ବଡ଼ ଧୁମ୍ ଧାମରେ ପାଳନ ହୋଇଯାଇଛି ।ଏହି ଦିବସ ଅବସରରେ ମଧ୍ୟଖଣ୍ଡ ଗ୍ରାମ ପରିକ୍ରମା କରିସାରିବା ପରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଓ ଭାରତ ମାତା ଙ୍କ ଫଟୋରେ ପୁଷ୍ପମାଳ ପ୍ରଦାନ କରିବା ସହ ପୂଜା ଅର୍ଚ୍ଚନା କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ମଧ୍ୟଖଣ୍ଡ ଗ୍ରାମର ଆଇନଜୀବୀ ମନୋରଞ୍ଜନ ମିଶ୍ର, ଭଗବାନ ଦେହୁରୀ, ମାନସ କୁମାର ସାହୁ, ରାଘବ ମଲିକ ସମେତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ର ଅନ୍ୟ ସଦସ୍ୟ ଯୋଗ ଦେଇ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ଦିବସ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଆଜିର ଦିନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂସ୍ଥାପକ, ବ୍ରହ୍ମାଙ୍କ ଦ୍ୱାରା କାଳ ଗଣନା ପ୍ରାରମ୍ଭ, ଯୁଗାବ୍ଦ ଆରମ୍ଭ, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ରାଜାଭିଷେକ ଓ ଯୁଧିଷ୍ଠିରଙ୍କ ରାଜାଭିଷେକ ହୋଇଥିଲା। ତେଣୁ ସମସ୍ତ ଦେଶବାସୀ ଆଜିର ଦିନରେ ନିଜ ଘର ଦୁଆରେ ଚିତା ପକାଇ ଏକ ଗେରୁଆ ଧ୍ୱଜା ଓ ଶୁଭ କଳସ ବସାଇ ଦୀପଟିଏ ଲଗାଇବା ପାଇଁ ଆହ୍ୱାନ ଦିଆଯାଇଥାଏ। ମଧ୍ୟଖଣ୍ଡ ଗ୍ରାମବାସୀ ମଧ୍ୟ ଏହାକୁ ପାଳନ କରିଥିଲେ। ଉକ୍ତ କାର୍ଯ୍ୟ କ୍ରମକୁ ଗ୍ରାମର ଉଦୀୟମାନ ଯୁବ ଗୋଷ୍ଠୀ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ସହଯୋଗ କରିଥିଲେ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ କେନ୍ଦ୍ରାପଡ଼ା ଜିଲ୍ଲାର ଦମ୍ପତି

ପାରଳାଖେମୁଣ୍ଡି, (ମହାଭରତ): ଆଜି ଗଜପତି ଜିଲ୍ଲାରୁ ୮୧ ତମ ଶିଶୁଙ୍କୁ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ (ଭା.ପ୍ର.ସେ) ପୋଷ୍ୟ ସନ୍ତାନ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଅବିବାହିତା ମାତାଙ୍କ ଦ୍ୱାରା ସମର୍ପିତ ହୋଇଥିବା ଏହି ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାଠାରେ ରଖାଯାଇଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଙ୍କର ତଥ୍ୟ ମିଶନ ବାତ୍ସଲ୍ୟ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଯୋଗ୍ୟ ପରିବାର ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଉର୍ଦ୍ଧ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ପରିବାରଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ପରିବାର ଶାରିରୀକ ସ୍ତରରେ ଶିଶୁଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଙ୍କୁ ଉକ୍ତ ପରିବାରଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଙ୍କର ବୟସ ୩ ମାସ, ଶିଶୁପୁତ୍ର ହୋଇଥିବାବେଳେ, ଶିଶୁଙ୍କୁ ପାଇ ଉକ୍ତ ପରିବାର ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲାୟ ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମହାପାତ୍ର, ସଦସ୍ୟା ଶ୍ରୀମତୀ ମମତରାଣୀ ଶତପଥୀ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ଶ୍ରୀଯୁକ୍ତ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମହେନ୍ଦ୍ର ତନୟା ସାହିତ୍ୟ ସଂସଦ ଦ୍ୱାରା ରାଷ୍ଟ୍ରୀୟ ନବବର୍ଷ ପାଳିତ

ପାରଳାଖେମୁଣ୍ଡି:- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଅନ୍ତର୍ଗତ ମହେନ୍ଦ୍ର ତନୟା ସାହିତ୍ୟ ସଂସଦ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ସଂସଦର ସଭାପତି ଶ୍ରୀମତି ଆଶାଲତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଉତ୍କଳ ହିତୈଷିଣୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କୁମୁଦ ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ଶ୍ରୀ ସରୋଜ କୁମାର ପଣ୍ଡା, ଓ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଡ଼ଃ କଲ୍ୟାଣୀ ମିଶ୍ର ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିଥି ମାନେ ରାଷ୍ଟ୍ରୀୟ ନବବର୍ଷ ପାଳନର ଲକ୍ଷ୍ୟ ଓ ସନାତନ ଧର୍ମର ସୁରକ୍ଷା ବିଷୟରେ ନିଜର ମତାମତ ଉପସ୍ଥାପନ କରିଥିଲେୟ ଶ୍ରୀ ଗୌରହରି କରସୁଧା ପଟ୍ଟନାୟକ ଅତିଥି ମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ସୁଶ୍ରୀ ଶ୍ୱେତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେୟ ଶ୍ରୀମତି ବବିତା ପୁରୋହିତ ଦୀପ ମନ୍ତ୍ର ପାଠ କରିଥିବା ବେଳେ ଶ୍ରୀ ଶଶୀଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ ।ଏହି ଅବସରରେ ମହେନ୍ଦ୍ର ତନୟା ସାହିତ୍ୟ ସଂସଦର ସହ ସଂପାଦିକା ଶ୍ରୀମତି ସ୍ନିଗ୍ଧା ମିଶ୍ର, ଶ୍ରୀମତି ସୁଜାତା ନନ୍ଦ, ଶ୍ରୀମତି ସ୍ୱର୍ଣ୍ଣପ୍ରଭା ପାଠୀ, ଶ୍ରୀମତି ବରଦା ଆଚାର୍ଯ୍ୟ, ଶ୍ରୀମତି ସଙ୍ଗୀତା ପାତ୍ର, ଶ୍ରୀ ମୂରଲୀଧର ପରିଛା , ଶ୍ରୀ ମନୋଜ କୁମାର ପଣ୍ଡା (ଉପ ସଭାପତି), ଶ୍ରୀ ରାଜେନ୍ଦ୍ର କୁମାର ରଥ ( ରାଜ୍ୟ ସମ୍ପାଦକ)ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଡିଭାଇଡ଼ରକୁ ପିଟିଲା ଆଳୁ ବୋଝେଇ ଟ୍ରକ: ୨ ମୃତ

ସୋର: ବାଲେଶ୍ୱର ଜିଲ୍ଲା ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ପୋଲ ଉପରେ ଏକ ଆଳୁ ବୋଝେଇ ଟ୍ରକ ଡିଭାଇଡ଼ରକୁ ଧକା ଦେବାରୁ ଘଟଣା ସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି ।ସୂଚନା ଅନୁସାରେ ଆଜି ସକାଳ ଭୋର ସମୟରେ ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଆଳୁ ବୋଝେଇ ଟ୍ରକ ତଳନଗର ନିକଟରେ ଅନ୍ୟଏକ ଗାଡିକୁ ଧକା ଦେବା ସହିତ ରାସ୍ତାର ଡିଭାଇଡ଼ରକୁ ଧକା ଦେଇଥିଲା ।ଫଳରେ ଗାଡିର ଚାଳକ ଓ ହେଲପର ଆଳୁବସ୍ତା ସହ ପୋଲ ତଳକୁ ଖସି ଚାପିହୋଇ ରହିଥିଲେ। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଓ ସୋର ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଦୀର୍ଘ ସମୟ ପରେ ଉଭୟଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ।

## ଭୂତକୋଠି ପାଲଟିଛି ରାଜ୍ୟର ଦ୍ୱିତୀୟ ଶୀତଳଭଣ୍ଡାର

ରାଉରକେଲା: ଚାଷୀଙ୍କ ଉତ୍ପାଦିତ ପନିପରିବାର ଅଭାବୀ ବିକ୍ରି ରୋକିବାକୁ ସୁନ୍ଦରଗଡ଼ର କୁଆରମୁଣ୍ଡା ବ୍ଲକରେ ସ୍ଥାପନ ହୋଇଥିଲା ରାଜ୍ୟର ଦ୍ୱିତୀୟ ଶୀତଳଭଣ୍ଡାର। ଡାଏରିଫାର୍ମ ପାର୍ଶ୍ୱସ୍ଥ ପ୍ରାୟ ୨ ଏକର ଜାଗାରେ ଉଦ୍ୟାନକୃଷି ବିଭାଗ ପକ୍ଷରୁ କରାଯାଇଥିବା ଶୀତଳଭଣ୍ଡାର ଭୂତକୋଠି ପାଲଟିଛି। ଏଠାରେ ଥିବା ବିଭିନ୍ନ ଯନ୍ତ୍ରପାତିକୁ ଖଣ୍ଡଖଣ୍ଡ କରି କାଟି ଚୋରମାନେ ବିକି ଦେଇଛନ୍ତି। ଗୋଦାମ ଗୃହର ଝରକା, କବାଟ ଏମିତି କି ଟାଇଲ୍ ଚଟାଣକୁ ତାଡ଼ି ନେଇଯାଇଛନ୍ତି। କେବଳ କେତୋଟି ଘର ଭଙ୍ଗାଦଦରା ଅବସ୍ଥାରେ ରହିଛି। ଏହାର ଚତୁଃପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ହୋଇଯାଇଛି। ପାନପୋଷ ଉଦ୍ୟାନକୃଷି ବିଭାଗ ପକ୍ଷରୁ ଏହି ଜାଗାରେ ନୂଆ ଶୀତଳଭଣ୍ଡାର କରିବାକୁ ଅନେକବାର ଯୋଜନା କରାଯାଇଥିଲେ ହେଁ, ତା' ନାଲି ଫିତାତଳେ ଚାପି ହୋଇ ରହିଯାଇଛି। ଗତ ପ୍ରାୟ ୮ ବର୍ଷ ମଧ୍ୟରେ ଜଣେ ପରେ ଜଣେ ସହକାରୀ କୃଷି ଉଦ୍ୟାନ ନିର୍ଦ୍ଦେଶକ ଆସିଛନ୍ତି। କୁଆରମୁଣ୍ଡାର ଶୀତଳଭଣ୍ଡାର ସ୍ଥିତି ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀଙ୍କୁ ୧୨ ହଜାର ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଏ ଦିଗରେ କେଣସି



ପଦକ୍ଷେପ ନିଆଯାଇ ନାହିଁ। ଦିନ ଥିଲା କୁଆରମୁଣ୍ଡାର ଶୀତଳଭଣ୍ଡାର କେବଳ ସୁନ୍ଦରଗଡ଼ ନୁହେଁ ପଡ଼ୋଶୀ ଝାଡ଼ଖଣ୍ଡର ପନିପରିବା ଚାଷ କରୁଥିବା ଶହଶହ ଚାଷୀ ଉପକୃତ ହେଉଥିଲେୟ ବିଶେଷ କରି ରାଜ୍ୟ ଓ ବାହାର ରାଜ୍ୟର ଗ୍ରାହକଙ୍କ ପସନ୍ଦ ପାଲଟିଥିବା ନୂଆଗାଁ ପରିବାଚାଷୀଙ୍କ ଶହଶହ ଟନ୍ ପରିବା ଶୀତଳଭଣ୍ଡାରରେ ରଖାଯାଉଥିଲା ।ଏଠାରୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଏମିତିକି ଆନ୍ଧ୍ରପ୍ରଦେଶ ମଧ୍ୟ ଯାଉଥିଲା। ଶୀତଳଭଣ୍ଡାରଟିଏ ନଥିବାରୁ ନୂଆଗାଁର ଶହଶହ ଚାଷୀ ପ୍ରତିବର୍ଷ ଅଭାବୀବିକ୍ରିର ସମ୍ମୁଖୀନ ହେଉଛନ୍ତି। ଝାଳବୁହା ପରିଶ୍ରମ କରି ହଜାରହଜାର କ୍ୱିଣ୍ଟାଲ ପନିପରିବାର ଉତ୍ପାଦନ କରିଥିଲେ ହେଁ ଉଚିତ ମୂଲ୍ୟ ପାଉନାହାନ୍ତି। ଗତ ୫ ବର୍ଷ ତଳେ ନୂଆଗାଁ ଚାଷୀଙ୍କ ପ୍ରତି ତତ୍ପରତା ଦେଖାଇଥିଲେ ପୂର୍ବ ସରକାର। ଶୀତଳଭଣ୍ଡାର ପାଇଁ ପ୍ରାୟ ୪ ଏକରରୁ ଅଧିକ ଜାଗାରେ ପାଚେରୀ ର୍ନିମାଣ ହେଲା। ହେଲେ ଆଜି ପର୍ଯ୍ୟନ୍ତ ଗୋଦାମ ର୍ନିମାଣ ହେଲାନି କି ଶୀତଳଭଣ୍ଡାର ମେସିନ୍ଟଏ ମଧ୍ୟ ବସିପାରିଲା ନାହିଁ। ଚାଷୀ ଓ ସ୍ଥାନୀୟ ନେତାମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳିଲା ନାହିଁ। ଏହି ପ୍ରକଳ୍ପ ଏବେ କେବଳ ପାଚେରୀରେ ସୀମିତ ରହିଯାଇଛ ।ବିଶ୍ରା, ଲାଠିକଟା, କୁଆରମୁଣ୍ଡା, ରାଜଗାଙ୍ଗପୁର ଆଦି ବ୍ଲକର ପନିପରିବା ଚାଷୀମାନଙ୍କୁ ସମଦଶା ଭୋଗିବାକୁ ପଡୁଛି। ତତ୍କାଳୀନ କୃଷି ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଡି. ପଟେଲ କହିଛନ୍ତି କୁଆରମୁଣ୍ଡାରେ ଉଦ୍ୟାନ ବିଭାଗର ଦୁଇ ଏକର ଜାଗାରେ ପୂର୍ବ ସରକାରଙ୍କୁ ନୂଆ ଶୀତଳଭଣ୍ଡାର କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ୫ ରୁ ୧୨ ହଜାର ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ହେଲେ, ବ୍ୟବସାୟିକ ଦୃଷ୍ଟି କୋଣରୁ କାର୍ଯ୍ୟକ୍ଷମ ହୋଇପାରିବ।

## ଇନ୍ଦିରା-ମୁଜିବୁରଙ୍କ ମଧ୍ୟରେ ଗୁପ୍ତ ଚୁକ୍ତି ହୋଇଥିଲା

ନୂଆଦିଲ୍ଲୀ: ଆସାମ ଓ ବଙ୍ଗଳା ନିର୍ବାଚନ ପୂର୍ବରୁ ବାଂଲାଦେଶୀ ଅନୁପ୍ରବେଶ ପ୍ରସଙ୍ଗ ପୁଣି ଥରେ ମାହୋଲକୁ ଗରମ କରିଛି। ବିଜେପି ସାଂସଦ ନିଶିକାନ୍ତ ଦୁବେ ଅଭିଯୋଗ କରିଛନ୍ତି ଯେ, ଠିକ୍ ୫୪ ବର୍ଷ ପୂର୍ବେ ଅର୍ଥାତ୍ ୧୯୭୨ ମସିହା ମାର୍ଚ୍ଚ ୧୯ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ବାଂଲାଦେଶ ନେତା ଶେଖ୍ ମୁଜିବୁର ରହମାନଙ୍କ ମଧ୍ୟରେ ଏକ ଗୁପ୍ତ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଦୁବେ ଦାବି କରିଛନ୍ତି ଯେ, ଏହି ଚୁକ୍ତିନାମା ଅନୁଯାୟୀ ବାଂଲାଦେଶୀ ନାଗରିକମାନଙ୍କୁ ଭାରତ ଆସିବା ପାଇଁ ସ୍ୱାଧୀନତା ଦିଆଯାଇଥିଲା, ଯାହାକୁ ସେ କଂଗ୍ରେସର ଏକ 'କଳା ଅଧ୍ୟାୟ' ବୋଲି ବର୍ଣ୍ଣନା କରିଛନ୍ତି। ବିଜେପି ସାଂସଦ ଅଭିଯୋଗ କରିଛନ୍ତି ଯେ, ଆଜି ଦେଶର ସମସ୍ତ ସମସ୍ୟାର ମୂଳ କାରଣ ହେଉଛି କଂଗ୍ରେସ ଓ ନେହରୁ-ଗାନ୍ଧୀ ପରିବାର। ବେଆଇନ ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗ ଉଠାଇ ନିଶିକାନ୍ତ ଦୁବେ କହିଛନ୍ତି, ଇତିହାସ ଓ ରାଜନୀତି ଅଧ୍ୟୟନ କରିବା ପରେ ସେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ଆଜି ଦେଶରେ ଦେଖାଯାଉଥିବା ସମସ୍ତ ସମସ୍ୟାର ମୂଳ କାରଣ ହେଉଛି କଂଗ୍ରେସ ଓ ନେହରୁ-ଗାନ୍ଧୀ ପରିବାର। ନ୍ୟୁଜ୍ ଏଜେନ୍ସି ଏଏନ୍ଆଇକୁ ସାକ୍ଷାତକାର ଦେଇ ଦୁବେ କହିଛନ୍ତି, ଏହି ଆଧାରରେ ସେ ସୋସିଆଲ ମିଡିଆରେ 'ବ୍ଲାକ୍ ଚାପ୍ଟର ଅଫ୍ କଂଗ୍ରେସ' ନାମକ ଏକ ସିରିଜ୍ ଆରମ୍ଭ କରିଛନ୍ତି। ଦୁବେ 'ବାଂଲାଦେଶୀ ଅନୁପ୍ରବେଶ'କୁ ସବୁଠାରୁ ବଡ ପ୍ରସଙ୍ଗ ବୋଲି ବର୍ଣ୍ଣନା କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଦେଶରେ ୫ରୁ ୧୦ କୋଟି ବାଂଲାଦେଶୀ ଅନୁପ୍ରବେଶକାରୀ ଥାଇପାରନ୍ତି। ଏହା ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ତ୍ରିପୁରା, ଦିଲ୍ଲୀ ଓ ଗୁଜରାଟ ଭଳି ଅନେକ ରାଜ୍ୟକୁ ପ୍ରଭାବିତ କରିଛି। ବିଶେଷ କରି ଝାଡ଼ଖଣ୍ଡର ସାନ୍ତାଳ ପ୍ରଗଣା ଅଞ୍ଚଳରେ ଏହା ଜନସଂଖ୍ୟା ସନ୍ତୁଳନକୁ ପ୍ରଭାବିତ କରିଛି। ପରିସଂଖ୍ୟାନ ଦର୍ଶାଇ ଦୁବେ କହିଛନ୍ତି ଯେ, ୧୯୫୧ ମସିହାରେ ସାନ୍ତାଳ ଅଞ୍ଚଳରେ ଆଦିବାସୀ ଜନସଂଖ୍ୟା ପ୍ରାୟ ୪୫ ପ୍ରତିଶତ ଥିଲା, ଯାହା ବର୍ତ୍ତମାନ ପ୍ରାୟ ୨୪ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ମୁସଲମାନ ଜନସଂଖ୍ୟା ୯ ପ୍ରତିଶତରୁ ୨୫-୨୬ ପ୍ରତିଶତକୁ ବୃଦ୍ଧି ପାଇଛି। ୧୯୭୨ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ବାଂଲାଦେଶର ପ୍ରତିଷ୍ଠାତା ନେତା ଶେଖ ମୁଜିବୁର ରହମାନଙ୍କ ମଧ୍ୟରେ ହୋଇଥିବା ଏକ ଗୁପ୍ତ ଚୁକ୍ତି ବିଷୟରେ ମଧ୍ୟ ବିଜେପି ସାଂସଦ ଉଲ୍ଲେଖ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଇନ୍ଦିରା ଗାନ୍ଧୀ ସେହି ଚୁକ୍ତିନାମା ଅନୁଯାୟୀ ବାଂଲାଦେଶୀ ନାଗରିକମାନଙ୍କୁ ଭାରତ ଆସିବା ପାଇଁ 'ସ୍ୱାଧୀନତା' ଦେଇଛନ୍ତି। ଏହି କାରଣରୁ ବହୁ ସଂଖ୍ୟକ ବାଂଲାଦେଶୀ ଅନୁପ୍ରବେଶ କରି ସୀମାନ୍ତ ଅଞ୍ଚଳରେ ବସବାସ କରିଥିଲେ। ଦୁବେ କହିଛନ୍ତି, କଂଗ୍ରେସ ଏହାକୁ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ବ୍ୟବହାର କରିଛି। ତଥାପି, ଏପରି 'ଗୁପ୍ତ ଚୁକ୍ତିନାମା' ବିଷୟରେ କୌଣସି ସରକାରୀ ସାର୍ବଜନୀନ ନିଶ୍ଚିତତା ନାହିଁ। ଦୁବେ କହିଛନ୍ତି ଯେ, ବର୍ତ୍ତମାନର ସରକାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହା ବାଂଲାଦେଶ ଅନୁପ୍ରବେଶ ପ୍ରସଙ୍ଗକୁ ସମାପ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ।

## ପୁଣି ୮୮୦୦ ଶସ୍ତା ହେଲା ସୁନା

ନୂଆଦିଲ୍ଲୀ : ଗୁରୁବାର ସବୁ ମଲ୍ଟି କମୋଡିଟି ଏକ୍ସଚେଞ୍ଜ ରେ ସୁନା ଓ ରୁପା ଦରରେ ଜୋରଦାର ହ୍ରାସ ପରିଲକ୍ଷିତ ହୋଇଛି। ମଧ୍ୟ-ପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଥିଲେ ସୁଦ୍ଧା ଆନ୍ତର୍ଜାତୀୟ ବଜାରର ପ୍ରଭାବ ଯୋଗୁ ଉଭୟ ଧାତୁର ମୂଲ୍ୟ ଅନେକ ସପ୍ତାହର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଏପ୍ରିଲ ଡେଲିଭରି ପାଇଁ ଗୋଲ୍ଡ ଫ୍ୟୁଚର୍ସ ୮,୮୧୦ ଟଙ୍କା ହ୍ରାସ ପାଇ ପ୍ରତି ୧୦ ଗ୍ରାମ ପିଛା ୧,୪୪,୨୧୫ ଟଙ୍କାରେ ପହଞ୍ଚିଛି। ଫେବୃଆରୀ ଆରମ୍ଭ ପରଠାରୁ ଏହା ସବୁଠାରୁ ନିମ୍ନ ସ୍ତର। ଚଳିତ ମାର୍ଚ୍ଚ ମାସରେ ସୁନା ଦର ପ୍ରାୟ ୧୧% ହ୍ରାସ ପାଇଥିବା ବେଳେ ଏହି ବର୍ଷର ରିଟର୍ଣ୍ଣ ମାତ୍ର ୬.୬୦% କୁ ଖସି ଆସିଛି। ରୁପା ଦରରେ ହ୍ରାସ ଆହୁରି ତୀବ୍ର ହୋଇଛି। ଏହାର ମୂଲ୍ୟ ୨୫,୫୦୦ ଟଙ୍କା କମି କିଲୋଗ୍ରାମ ପିଛା ୨,୨୨,୨୩୪ ଟଙ୍କାରେ ପହଞ୍ଚିଛି। ଗତ ଡିସେମ୍ବର ପରଠାରୁ ଏହା ରୁପାର ସର୍ବନିମ୍ନ ମୂଲ୍ୟ। କେବଳ ମାର୍ଚ୍ଚ ମାସରେ ରୁପା ଦର ୨୧% ହ୍ରାସ ପାଇ ସାରିଲାଣି। ସାଧାରଣତଃ ଯୁଦ୍ଧ ବା ଉତ୍ତେଜନା ସମୟରେ ସୁନା-ରୁପା ନିରାପଦ ନିବେଶ ଭାବେ ଗଣାଯାଏ, କିନ୍ତୁ ଏଥର ପରିସ୍ଥିତି ଭିନ୍ନ ରହିଛି। ଆମେରିକାର ଫେଡେରାଲ ରିଜର୍ଭ (ଋରୟ) ସୁଧ ହାର କାଟ କରିବାକୁ ମନା କରିଦେଇଛନ୍ତି। ଜେରୋମ ପାୱେଲଙ୍କ ଅନୁସାରେ, ମୁଦ୍ରାସ୍ଫୀତି ନିୟନ୍ତ୍ରଣ ନହେବା ପର୍ଯ୍ୟନ୍ତ ସୁଧ ହାର କମିବ ନାହିଁ। ବିଶ୍ୱସ୍ତରୀୟ ଅନିଶ୍ଚିତତା ମଧ୍ୟରେ ନିବେଶକମାନେ ଆମେରିକୀୟ ଡଲାର ପ୍ରତି ଆକର୍ଷିତ ହେଉଛନ୍ତି। ଡଲାର ମଜବୁତ ହେବା ଯୋଗୁ ସୁନା ଓ ରୁପା ଚାହିଦା କମିଛି। ଉଙ୍ଗରଢ ବଜାରରେ ସୁନା ଆଉନ୍ସ ପିଛା ୧୩୦୪ ହ୍ରାସ ପାଇ ୧୪,୫୮୦ରେ ପହଞ୍ଚିଥିବା ବେଳେ ରୁପା ମଧ୍ୟ ଆଉନ୍ସ ପିଛା ୧୬୭.୨୩ କୁ ଖସି ଆସିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ସୁନା ଦର ଏବେ ଦୁର୍ବଳ ସ୍ଥିତିରେ ରହିଛି। ବଜାରରେ ୧,୫୦,୦୦୦ ଟଙ୍କା ପାଖାପାଖି ପ୍ରତିରୋଧ ରହିଥିବା ବେଳେ ୧,୪୪,୦୦୦ ରୁ ୧,୪୨,୦୦୦ ଟଙ୍କା ମଧ୍ୟରେ ମଜବୁତ ସପୋର୍ଟ ଦେଖିବାକୁ ମିଳୁଛି। ଆଗାମୀ କିଛି ଦିନ ବଜାରରେ ଏଭଳି ଅସ୍ଥିରତା ଲାଗି ରହିପାରେ।

## ପାକିସ୍ତାନରେ ପ୍ରକୃତିର ତାଣ୍ଡବ, ଭୟଙ୍କର ଝଡ଼ବର୍ଷାରେ ଚାଲିଗଲା ୧୯ ଜୀବନ

କରାଚି : ଆଫଗାନିସ୍ତାନ ସହ ସଂଘର୍ଷ ଚାଲିଯିବା ପରେ ଇଦ୍ ପାଇଁ କିଛି ସମୟ ବିରତି ଦେଇଥିବା ପଡ଼ୋଶୀ ଦେଶ ପାକିସ୍ତାନ ଉପରେ ଏବେ ପ୍ରକୃତିର କରାଳ ରୂପ ଧାରଣ କରିଛି । କରାଚିରେ ବୁଧବାର ରାତିରେ ହୋଇଥିବା ପ୍ରବଳ ବର୍ଷା ଓ ଝଡ଼ ଯୋଗୁଁ ଅତିକମରେ ୧୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ବାଲଦିଆ ଟାଉନର ମୱାଚ୍ ଗୋଥ୍ ଅଞ୍ଚଳରେ ସବୁଠାରୁ ବଡ଼ ଦୁର୍ଘଟଣା ଘଟିଛି । ବର୍ଷା ସମୟରେ ଏକ ପରିତ୍ୟକ୍ତ କୋଠାର କାନ୍ଥ ଓ ଛାତ ଭୁଶୁଡ଼ି ପଡ଼ି ଚାପି ହୋଇ ୧୩ ଜଣଙ୍କର ମୃତ୍ୟୁ ଘଟିଛି । ବର୍ଷାରୁ ରକ୍ଷା ପାଇବା ପାଇଁ ଏହି ଲୋକମାନେ କୋଠା ତଳେ ଆଶ୍ରୟ ନେଇଥିଲେ । ହେଲେ ତାଙ୍କ ଉପରେ କୋଠାର କାନ୍ଥ ଏବଂ ଛାତ ଭୁଶୁଡି ପଡିଥିଲା । ଲାନ୍ଧୀ ମଜିଦ୍ କଲୋନୀରେ କାନ୍ଥ ପଡ଼ି ଜଣେ ମହିଳାଙ୍କ ସମେତ ୨ ଜଣଙ୍କର ମୃତ୍ୟୁ ଘଟିଛି । ମାଲିର୍ ନଦୀ ନିକଟ ଯାରୁ ଗୋଥ୍ ଅଞ୍ଚଳରେ ବଜ୍ରପାତ ଘଟି ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି । କୋରାଙ୍ଗିରେ ଏକ ଘରର ଛାତ ପଡ଼ି ଜଣେ ମହିଳା ଏବଂ କୋରାଙ୍ଗି ନମ୍ବର ୫ରେ ଗଛ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ପଶ୍ଚିମା ଝଡ଼ ପ୍ରଭାବରେ କରାଚି ସମେତ ସିନ୍ଧ ପ୍ରଦେଶର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାକିସ୍ତାନ ପାଣିପାଗ ବିଭାଗ ପୂର୍ବରୁ ସୂଚନା ଦେଇଥିଲା। ଝଡ଼ବର୍ଷା ଯୋଗୁଁ ବିଦ୍ୟୁତ ଠପ୍ ହୋଇପଡିଛି । ଏହି ଘଟଣା ପରେ ସିନ୍ଧ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ ଓ ଜରୁରୀକାଳୀନ ସେବା ସଂସ୍ଥାକୁ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଧ୍ୱଂସାବଶେଷ ତଳେ ଆହୁରି କିଛି ଲୋକ ଫସି ରହିଥିବା ଆଶଙ୍କାରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି ।

# ଭାରତ-ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ଆଶଙ୍କା ନେଇ ଆମେରିକା ଗୁଇନ୍ଦା ସଂସ୍ଥାର ଦାବି



ନୂଆଦିଲ୍ଲୀ: ଆମେରିକାର ଗୁଇନ୍ଦା ବିଭାଗର ନୂତନ ରିପୋର୍ଟ ଆଜିକାଲି ହେଡ୍‌ଲାଇନ୍‌ରେ ରହିଛି। ରିପୋର୍ଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧର ଆଶଙ୍କା ଅଛି ବୋଲି ଦାବି କରାଯାଇଛି। ଏଥିରେ ପାକିସ୍ତାନର କଳା କାରନାମା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ବୁଧବାର ଆମେରିକା ସିନେଟରେ ଏହି ରିପୋର୍ଟ ଉପସ୍ଥାପିତ ହୋଇଛି। ରିପୋର୍ଟ ଉପସ୍ଥାପନ କରି ଆମେରିକାର ଗୁଇନ୍ଦା ମୁଖ୍ୟ ତୁଳସୀ ଗବାର୍ଡ ଆଉ ଏକ ବଡ଼ ବିବୃତି ଦେଇଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ର ଦ୍ୱାରା ଆମେରିକା ମଧ୍ୟ ବିପଦରେ ଅଛି। ଆମେରିକାର ଗୁଇନ୍ଦା ସଂସ୍ଥା ଦ୍ୱାରା ବିପଦ ମୂଲ୍ୟାଙ୍କନ ଉପରେ ବାର୍ଷିକ ରିପୋର୍ଟ ଅନୁଯାୟୀ, ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତ ସମ୍ପର୍କ ହେତୁ ପରମାଣୁ ଯୁଦ୍ଧର ଆଶଙ୍କା ରହିଛି। ୩୪ ପୃଷ୍ଠାର ରିପୋର୍ଟ ଅନୁଯାୟୀ, ଭାରତ ଓ ପାକିସ୍ତାନ ସିଧାସଳଖ ସଂଘର୍ଷ ଆରମ୍ଭ କରିବାକୁ ଚାହୁଁନାହାନ୍ତି, କିନ୍ତୁ ଆତଙ୍କବାଦୀ ତତ୍ତ୍ୱ ଏପରି ପରିସ୍ଥିତି ସୃଷ୍ଟି କରିପାରନ୍ତି। ଏଥିରେ ପହଲଗାମ ଆକ୍ରମଣ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏହି ଆକ୍ରମଣରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ୨୬ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହା ପରେ ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରି ପାକିସ୍ତାନ ଓ ପାକ୍-ଅଧିକୃତ କାଶ୍ମୀରରେ ଥିବା ଅନେକ ଆତଙ୍କବାଦୀ ଘାଟିକୁ ଭାଙ୍ଗି ଦେଇଥିଲା ଏବଂ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲା। ଗତବର୍ଷ ମେ ମାସରେ ଆରମ୍ଭ ହୋଇଥିବା ଯୁଦ୍ଧ ପରି ପରିସ୍ଥିତି ବିଷୟରେ ଉଲ୍ଲେଖ କରି ଆମେରିକା ଦସ୍ତାବିଜରେ କୁହାଯାଇଛି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ସାମ୍ପ୍ରତିକ ଆଣବିକ ତିକ୍ତତାକୁ ହ୍ରାସ କରିଛି ଏବଂ ଆମର ଆକଳନ ହେଉଛି ଯେ କୌଣସି ଦେଶ ଖୋଲା ବିବାଦକୁ ଫେରିବାକୁ ଚାହୁଁନାହାନ୍ତି, କିନ୍ତୁ ଆତଙ୍କବାଦୀ ତତ୍ତ୍ୱମାନଙ୍କ ପାଇଁ ସଙ୍କଟ ସୃଷ୍ଟି ହେବା ସମ୍ଭାବନା ଅଛି। ଅନ୍ୟପକ୍ଷରେ ଆମେରିକାର ଗୁଇନ୍ଦା ମୁଖ୍ୟ ତୁଳସୀ ଗବାର୍ଡ ବୁଧବାର ସାଂସଦମାନଙ୍କୁ କହିଛନ୍ତି ଯେ, ପାକିସ୍ତାନ ଦ୍ୱାରା ବିକଶିତ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରରେ ଆମେରିକାକୁ ଟାର୍ଗେଟ୍ କରିବାରେ ସକ୍ଷମ କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ ହୋଇପାରେ। ଗବାର୍ଡ କହିଛନ୍ତି, ଆମେରିକାର ସୁରକ୍ଷିତ ଆଣବିକ ପ୍ରତିରୋଧ ବ୍ୟବସ୍ଥା ଦେଶକୁ ବିପଦରୁ ସୁରକ୍ଷା ଦେଇଥାଏ। ତେବେ ରୁଷ୍, ଚୀନ୍, ଉତ୍ତର କୋରିଆ, ଇରାନ ଓ ପାକିସ୍ତାନ ଆଣବିକ ତଥା ପାରମ୍ପରିକ ପେଲୋଡ୍ ସହିତ ସଜ୍ଜିତ ଅନେକ ନୂତନ, ଉନ୍ନତ କ୍ଷେପଣାସ୍ତ୍ର ପ୍ରଣାଳୀ ଉପରେ ଗବେଷଣା ଓ ବିକାଶ ଜାରି ରଖିଛନ୍ତି ଯାହା ଆମ ଦେଶକୁ ବିପଦର ସମ୍ମୁଖୀନ କରିପାରେ ବୋଲି ସେ କହିଛନ୍ତି।

## ଗ୍ୟାସ୍ ନାଁରେ ସାଇବର ଠକେଇ




ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶରେ ଗ୍ୟାସ୍ ସଙ୍କଟ ଦେଖାଦେଇଛି। ସୁବିଧାରେ ଗ୍ୟାସ୍ ପାଇବା ଲାଗି ଲୋକମାନେ ବିଭିନ୍ନ ପନ୍ଥା ଆପଣାଉଛନ୍ତି। ତାହା ସାଇବର ଅପରାଧୀମାନଙ୍କୁ ସୁଯୋଗ ଦେଇଛି। ଗ୍ୟାସ୍ ନାଁରେ ସେମାନେ ଠକେଇ କରିବାକୁ ଉଦ୍ୟମ କରୁଛନ୍ତି। ସେଭଳି ଠକାମିଠାରୁ ସତର୍କ ରହିବାକୁ କେନ୍ଦ୍ର ସରକାର ନାଗରିକମାନଙ୍କୁ ପରାମର୍ଶ ଦେଇଛନ୍ତି। ଅଜଣା ଫାଇଲ୍ ଓ ଆପ୍ଲିକେସନ ଡାଉନ୍‌ଲୋଡ୍ ଓ ଇନଷ୍ଟଲକୁ ବାରଣ କରାଯାଇଛି। ଗ୍ୟାସ୍ ସଙ୍କଟ ଦୂର କରିବା ପାଇଁ ହୋଟେଲ୍, ରେଷ୍ଟୋରାଁ, କ୍ୟାଣ୍ଟିନ ଭଳି ବାଣିଜ୍ୟିକ ଅନୁଷ୍ଠାନଗୁଡ଼ିକୁ ପାଇପ୍‌ଡ ନାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ନେବାକୁ ସରକାର ପରାମର୍ଶ ଦେଇଛନ୍ତି। ଇତିମଧ୍ୟରେ ୫୬୦୦ରୁ ଅଧିକ ପିଏନ୍‌ଜି ସଂଯୋଗ ଦିଆଯାଇଥିବା ସୂଚନା ଦିଆଯାଇଛି। ପିଏନ୍‌ଜି ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଗ୍ୟାସ୍ ବିତରଣ କମ୍ପାନିଗୁଡ଼ିକୁ କୁହାଯାଇଛି। ପିଏନ୍‌ଜି ସଂଯୋଗ ବଢ଼ାଉଥିବା ରାଜ୍ୟମାନଙ୍କୁ ଅତିରିକ୍ତ ୧୦ ପ୍ରତିଶତ ବାଣିଜ୍ୟିକ ଏଲ୍‌ପିଜି ଆବଣ୍ଟନ କରାଯିବ। ପାଇପ୍ ଗ୍ୟାସ୍ ସଂଯୋଗ ସୁବିଧାରେ ପହଞ୍ଚାଇବା ପାଇଁ ରାଜ୍ୟମାନଙ୍କୁ ବିଭିନ୍ନ ପ୍ରକାର ଶୁଳ୍କ କମ୍ କରିବା, କାର୍ଯ୍ୟ ସମୟ କୋହଳ କରିବା ଓ ରାଜ୍ୟ ସ୍ତରରେ ନୋଡାଲ୍ ଅଫିସର ନିଯୁକ୍ତ କରିବାକୁ କୁହାଯାଇଛି। ପେଟ୍ରୋଲିୟମ୍, ଜାହାଜ ଚଳାଚଳ ଓ ବିଦେଶ ମନ୍ତ୍ରଣାଳୟର ମିଳିତ ବିବୃତିରେ ଦେଶରେ ପେଟ୍ରୋଲ, ଡିଜେଲ୍ ଓ ଗ୍ୟାସ୍‌ର କୌଣସି ଅଭାବ ନଥିବା କୁହାଯାଇଛି। ଅନ୍‌ଲାଇନ୍‌ରେ ଏଲ୍‌ପିଜି ବୁକିଂ ୮୪ ପ୍ରତିଶତରୁ ବଢ଼ି ୯୪ ପ୍ରତିଶତ ହୋଇଛି। ପ୍ରମାଣୀକରଣ କୋଡ୍ ଆଧାରିତ ଡେଲିଭରି ୮୩ ପ୍ରତିଶତରେ ପହଞ୍ଚିଛି। ଆତଙ୍କିତ ବୁକିଂ ୫୭ ଲକ୍ଷକୁ ହ୍ରାସ ପାଇଛି। ମହଜୁଦକାରୀ ଓ କଳାବଜାର ଉପରେ କଡ଼ା ନଜର ରଖିବାକୁ ରାଜ୍ୟମାନଙ୍କୁ କୁହାଯାଇଛି। ପ୍ରତିଦିନ ଚଢ଼ଉ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲ୍‌ପଲାଇନ୍ ନମ୍ବର ଜାରି କରିବାକୁ ରାଜ୍ୟମାନଙ୍କୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କଣ୍ଟ୍ରୋଲ ରୁମ୍ ଗଠନ କରିଥିବା ବେଳେ ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜିଲ୍ଲାସ୍ତରୀୟ ନିରୀକ୍ଷଣ କମିଟି ଗଠନ କରିଛନ୍ତି। ଦେଶବ୍ୟାପୀ ଚଢ଼ଉ ଓ ଜବତ ଅଭିଯାନ ଜାରି ରହିଛି। ୬୦୦୦ରୁ ଅଧିକ ଚଢ଼ଉ କରି ୧୧,୦୦୦ ସିଲିଣ୍ଡର ଜବତ କରାଯାଇଛି। ତୈଳ କମ୍ପାନିଗୁଡ଼ିକ ପ୍ରତିଦିନ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ବିତରଣ କେନ୍ଦ୍ରରେ ଯାଞ୍ଚ କରୁଛନ୍ତି। କୋଇଲା ଓ କିରାସିନି ଭଳି ବିକଳ୍ପ ଇନ୍ଧନ ଉପରେ ରହିଥିବା କଟକଣା କୋହଳ କରିବାକୁ ରାଜ୍ୟର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡମାନଙ୍କୁ କୁହାଯାଇଛି। ରାଜ୍ୟମାନଙ୍କୁ ଅଧିକ କୋଇଲା ଯୋଗାଇ ଦେବାକୁ କୋଲ୍ ଇଣ୍ଡିଆ ଓ ସିଙ୍ଗାରେନି କୋଲିଅରିଜ୍‌କୁ କୁହାଯାଇଛି।

## ରୁବିଓ ଓ ହେଗ୍‌ସେଥ ରହୁଥିବା ଆମେରିକା ଘାଟି ଉପରେ ରହସ୍ୟମୟ ଡ୍ରୋନ୍, ସତର୍କତା ବଢ଼ିଲା

ୱାସିଂଟନ: ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ସଙ୍କଟ ମଧ୍ୟରେ ଗୁରୁବାର ଫୋର୍ଟ ମ୍ୟାକନେୟାର ନାମକ ୱାସିଂଟନ ସାମରିକ ଘାଟି ଉପରେ ରହସ୍ୟମୟ ଡ୍ରୋନ୍ ଦେଖିବାକୁ ମିଳିଥିଲା। ଏହି ବେସ୍‌ରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଓ ଯୁଦ୍ଧ ସଚିବ ପିଟ୍ ହେଗସେଥଙ୍କ ବାସଭବନ ରହିଛି। ଡ୍ରୋନ୍ କେଉଁଠୁ ଆସିଲା ତାହା ଅଧିକାରୀମାନେ ଏପର୍ଯ୍ୟନ୍ତ ସ୍ଥିର କରିନାହାନ୍ତି। ୱାସିଂଟନ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ, ଏହି ଘଟଣା ଆମେରିକାର ଅଧିକାରୀମାନଙ୍କୁ ଉଭୟ ରୁବିଓ ଓ ହେଗସେଥଙ୍କ ସ୍ଥାନାନ୍ତର ପାଇଁ ବିଚାର କରିବାକୁ ପ୍ରେରିତ କରିଥିଲା। ତେବେ ଉଭୟ ଅଧିକାରୀଙ୍କ ଗତିବିଧି ଏପର୍ଯ୍ୟନ୍ତ ଜଣା ପଡିନାହିଁ, ମୁଖ୍ୟ ପେଣ୍ଟାଗନ୍ ମୁଖପାତ୍ର ସିନ୍ ପାର୍ନେଲ୍ ସୁରକ୍ଷା କାରଣ ଦର୍ଶାଇ ହେଗ୍‌ସେଥଙ୍କ ଗତିବିଧି ବିଷୟରେ କହିବାକୁ ମନା କରିଦେଇଥିଲେ। ଡ୍ରୋନ୍ ଚିହ୍ନଟ ହେବା ପରେ ହ୍ୱାଇଟ୍ ହାଉସ୍ ବରିଷ୍ଠ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଥିଲା। ଏହା ବ୍ୟତୀତ, ସୁରକ୍ଷା ମୁଖ୍ୟ ଅଲି ଲାରିଜାନି ଓ ଗୁଇନ୍ଦା ମନ୍ତ୍ରୀ ଇସମାଇଲ ଖାତିବଙ୍କ ହତ୍ୟା ପରେ ଇରାନର ପ୍ରତିଶୋଧ ନେବାର ସମ୍ଭାବନା ମଧ୍ୟରେ ଆମେରିକା ସେନା ପାଇଁ ଏକ ହାଇଆଲର୍ଟ ଜାରି କରାଯାଇଥିଲା। ଆମେରିକାର ଅନେକ ଘାଟି ପାଇଁ ସୁରକ୍ଷା ସ୍ତର ବୃଦ୍ଧି କରାଯାଇଛି ଏବଂ ଆମେରିକାର କୂଟନୈତିକ ମିସନ ପାଇଁ ଏକ ବିଶ୍ୱ ସୁରକ୍ଷା ସତର୍କତା ମଧ୍ୟ ଜାରି କରାଯାଇଛି।

## ବାହୁବଳୀ ନେତା ଅନନ୍ତ ସିଂଙ୍କୁ ମିଳିଲା ଜାମିନ




ପାଟନା : ଜେଡିୟୁର ବାହୁବଳୀ ବିଧାୟକ ଅନନ୍ତ ସିଂଙ୍କୁ ଦୁଲାରଚନ୍ଦ ଯାଦବ ହତ୍ୟା ମାମଲାରେ ପାଟନା ହାଇକୋର୍ଟରୁ ଜାମିନ ମିଳିଛି । ଅନନ୍ତ ସିଂ ଗତବର୍ଷ ବିହାର ବିଧାନସଭା ନିର୍ବାଚନ ସମୟରେ ହତ୍ୟାକାଣ୍ଡ ମାମଲାରେ ପାଟନା ବେଉର ଜେଲ ବନ୍ଦୀ ହୋଇ ରହିଥିଲେ । କୋର୍ଟ ବାହୁବଳୀ ବିଧାୟକଙ୍କ ଜାମିନ ଯାଚିକାକୁ ସ୍ୱୀକାର କରି ଜାମିନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହତ୍ୟାକାଣ୍ଡ ୨୦୨୫ରେ ହୋଇଥିଲା । ମୋକାମାରେ ନିର୍ବାଚନୀ ପ୍ରଚାର ସମୟରେ ଜନସୁରଜ ପାର୍ଟିର ସମର୍ଥକ ଦୁଲାରଚନ୍ଦ ଯାଦବଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣା ପରେ ପୋଲିସ ଅନନ୍ତ ସିଂଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରିଥିଲା। ଏହାପୂର୍ବରୁ ନିମ୍ନ ଅଦାଲତ ଜାମିନ ଆବେଦନ ଖାରଜ କରିଦେଇଥିଲା, କିନ୍ତୁ ଏବେ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି । ୨୦୨୫ ଅକ୍ଟୋବର ୩୦ ତାରିଖରେ ମୋକାମାର ଘୋସବରୀ ଥାନା ଅଞ୍ଚଳରେ ଦୁଲାରଚନ୍ଦ ଯାଦବଙ୍କୁ ହତ୍ୟା କରାଯାଇଥିଲା । ଦୁଲାରଚନ୍ଦ ଯାଦବ ଆରଜେଡିର ନେତା ଥିଲେ। ସେ ମୋକାମାରେ ଜନସୁରାଜ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିଲେ । ହତ୍ୟା ଅଭିଯୋଗ ଅନନ୍ତ ସିଂଙ୍କ ଉପରେ ଲାଗିଥିଲା। ନିର୍ବାଚନ ପ୍ରକ୍ରିୟା ଭିତରେ ନଭେମ୍ବର ୧ ରାତିରେ ଅନନ୍ତ ସିଂଙ୍କୁ ପୋଲିସ ଗିରଫ କରିଥିଲା। ଏହାପରେ ନଭେମ୍ବର ୨ରେ କୋର୍ଟରେ ହାଜର କରିବା ପରେ ତାଙ୍କୁ ଜେଲକୁ ପଠାଯାଇଥିଲା । ତେବେ ସାଢେ ୪ ମାସ ପରେ ଅନନ୍ତ ସିଂଙ୍କୁ ଜାମିନ ମିଳିଛି ।

## କତର ଉପରେ ଆକ୍ରମଣରେ ୧୨ ମୁସଲିମ୍ ଦେଶ ଅସନ୍ତୋଷ

ରିୟାଦ : ଇରାନ ବୁଧବାର କତରର ସବୁଠୁ ବଡ଼ ଗ୍ୟାସ ପ୍ଲାଣ୍ଟ 'ରାସ୍ ଲଫାନ୍' ଉପରେ ଆକ୍ରମଣ କରିଥିଲା। ଏହାକୁ ନେଇ ୧୨ ମୁସଲିମ୍ ଦେଶ ଇରାନ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏମାନେ ଇରାନ ତୁରନ୍ତ ଆକ୍ରମଣ ବନ୍ଦ କରୁ ବୋଲି କହିଛନ୍ତି। ସାଉଦି ଆରବର ରାଜଧାନୀ ରିୟାଦରେ ହୋଇଥିବା ବୈଠକ ପରେ ଏହି ବୟାନ ସାମ୍ନାକୁ ଆସିଛି। ବୈଠକରେ ସାଉଦି ଆରବ, କତର ଓ ୟୁଏଇ ସମେତ ଅନେକ ମୁସଲିମ୍ ଦେଶ ଅଂଶଗ୍ରହଣ କରିଥିଲେ। ସେମାନେ କହିଥିଲେ, ଇରାନ ଆବାସିକ ଅଞ୍ଚଳ ଉପରେ ଆକ୍ରମଣ କରୁଛି। ଏହା ପୂରାପୂରି ଭୁଲ୍ ଓ ଏହାକୁ କୌଣସି ଦୃଷ୍ଟିରୁ ସଠିକ୍ କୁହାଯାଇ ପାରିବ ନାହିଁ। ତୁରନ୍ତ ଆକ୍ରମଣ ବନ୍ଦ କରିବାକୁ ସେମାନେ ଇରାନକୁ କହିଛନ୍ତି। ଏହାସହିତ ଲେବାନନ ଉପରେ ଇସ୍ରାଏଲର ଆକ୍ରମଣର ତୀବ୍ର ସମାଲୋଚନା ମଧ୍ୟ କରିଛନ୍ତି। ଆମେରିକା-ଇସ୍ରାଏଲ ଓ ଇରାନ ଯୁଦ୍ଧକୁ ଆଜି ୨୦ ଦିନ ହୋଇଥିବାବେଳେ ସାଉଦି ଆରବର ୟନବୁ ବନ୍ଦର ସ୍ଥିତ ତୈଳ ବିଶୋଧନାଗାର ଉପରେ ଆକ୍ରମଣ ହୋଇଛି।

# ଜାତୀୟ ସୁରକ୍ଷା ତଥ୍ୟ ବର୍ଗରେ ଗ୍ୟାସ ଓ ତେଲ






ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶରେ ଏଲ୍‌ପିଜି ସଂକଟ ଦେଖାଦେଇଛି। ଏଭଳି ସ୍ଥିତିରେ ସରକାର ଶକ୍ତି ତଥ୍ୟକୁ ଜାତୀୟ ସୁରକ୍ଷା ବର୍ଗରେ ସାମିଲ କରିଛନ୍ତି। ଦେଶରେ ତୈଳ ଏବଂ ଗ୍ୟାସ ବ୍ୟବସାୟ ଶୃଙ୍ଖଳରେ ଥିବା ସମସ୍ତ ସଂସ୍ଥା ବିସ୍ତୃତ ତଥ୍ୟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯୋଗାଣ ବ୍ୟବସ୍ଥା ଉପରେ ନିରୀକ୍ଷଣକୁ କଡ଼ାକଡ଼ି କରିବା ଲକ୍ଷ୍ୟରେ ସରକାର ଏହା କରିଛନ୍ତି। ତୈଳ ମନ୍ତ୍ରାଳୟ ପକ୍ଷରୁ ଏଥିପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ (ସୂଚନା ପ୍ରଦାନ) ଅର୍ଡର ୨୦୨୬ ଜାରି କରାଯାଇଛି। ଏଥିରେ ଉଭୟ ସରକାରୀ ଓ ଘରୋଇ ବିଶୋଧନକାରୀ, ଏଲ୍‌ଏନ୍‌ଜି ଆମଦାନିକାରୀ, ପାଇପଲାଇନ୍ ଅପରେଟର୍, ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁଟର ଏବଂ ପେଟ୍ରୋକେମିକାଲ୍ କମ୍ପାନିଗୁଡ଼ିକ ନିୟମିତଭାବେ ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ୍ ଆନାସିଲିସ୍ ସେଲ୍‌କୁ ବାସ୍ତବ ସମୟର ତଥ୍ୟ ଦେବାକୁ କୁହାଯାଇଛି। କେତେକ ତଥ୍ୟ ଦୈନିକ ଭିତ୍ତିରେ ଦେବାକୁ କୁହାଯାଇଛି। ୧୮ ତାରିଖରେ ଜାରି ହୋଇଥିବା ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂସ୍ଥାଗୁଡ଼ିକ ଉତ୍ପାଦନ, ଆମଦାନି, ମହଜୁଦ ପରିମାଣ ଏବଂ ବ୍ୟବହାର ଆଦି ତଥ୍ୟ ପ୍ରଦାନ କରିବେ। ସଂସ୍ଥାଗୁଡ଼ିକର ଗୋପନୀୟତା କ୍ଲଜ୍ କାର୍ଯ୍ୟ କରିବ ନାହିଁ। ଅର୍ଥାତ୍ ବାଣିଜ୍ୟିକ ଦୃଷ୍ଟିରୁ ସମ୍ବେଦନଶୀଳ କହି କୌଣସି ତଥ୍ୟ ଦେବାକୁ ମନା କରିପାରିବେ ନାହିଁ। ଅତ୍ୟାବଶ୍ୟ ସାମଗ୍ରୀ ଆଇନ ୧୯୫୫ ଆଧାରରେ ସରକାର ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହା ହେଲେ କେନ୍ଦ୍ରୀୟ ସ୍ତରରେ ଗୋଟିଏ ସ୍ଥାନରେ ବାସ୍ତବ ସମୟର ତଥ୍ୟ ଉପଲବ୍ଧ ହେବ। ଫଳରେ ଯେଉଁଠି ଯୋଗାଣ ବ୍ୟାହତ ହୋଇଥିବ ସେଠାରେ ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଇ ପାରିବ। ସେହିଭଳି ବିଦ୍ୟୁତ୍, ସାର, ଘରୋଇ ଏଲ୍‌ପିଜି ଯୋଗାଣ ଭଳି ଅଗ୍ରାଧିକାର କ୍ଷେତ୍ର ପାଇଁ ଗ୍ୟାସ ଯୋଗାଣ ସଂପର୍କରେ ଉତ୍ତମ ନିଷ୍ପତ୍ତି ନେଇପାରିବ। କେବଳ ସେତିକି ନୁହେଁ, ସଂକଟ ସମୟରେ କେଉଁଠାରୁ ଏସବୁ ସାମଗ୍ରୀ ସଂଗ୍ରହ କରାଯିବ ତାହା କାର୍ଯ୍ୟକାରୀ କରିବା ସହଜ ହେବ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଫଳରେ ଭାରତକୁ ଅଶୋଧିତ ତେଲ ଏବଂ ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଛି। ଭାରତ ଏହାର ମୋଟ ଆବଶ୍ୟକତାର ପ୍ରାୟ ୮୮ ପ୍ରତିଶତ ଅଶୋଧିତ ତେଲ, ୫୦ ପ୍ରତିଶତ ପ୍ରାକୃତିକ ଗ୍ୟାସ ଏବଂ ୬୦ ପ୍ରତିଶତ ଏଲ୍‌ପିଜି ଆମଦାନି କରିଥାଏ। ଯୁଦ୍ଧ ପୂର୍ବରୁ ଭାରତ ଏହାର ମୋଟ ଅଶୋଧିତ ତେଲ ଆମଦାନିର ଅଧାରୁ ଅଧିକ ସାଉଦି ଆରବ, ଇରାକ ଏବଂ ୟୁଏଇରୁ ହର୍ମୁଜ୍ ପ୍ରଣାଳୀ ଦେଇ ଆଣୁଥିଲା। ସେହିଭଳି ୮୫ରୁ ୯୫ ପ୍ରତିଶତ ଏଲ୍‌ପିଜି ଏବଂ ପ୍ରାୟ ୩୦ ପ୍ରତିଶତ ଗ୍ୟାସ୍ ଏହି ମାର୍ଗ ଦେଇ ଆସୁଥିଲା। ଯୁଦ୍ଧ ଫଳରେ ଏହା ଗୁରୁତର ପ୍ରଭାବିତ ହୋଇଛି। ରୁଷ୍, ପଶ୍ଚିମ ଆଫ୍ରିକା, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଲାଟିନ ଆମେରିକା ଭଳି ବିକଳ୍ପ ସ୍ଥାନରୁ ଅଶୋଧିତ ତେଲ ଆମଦାନି ହେଉଛି। କିନ୍ତୁ ଏଲ୍‌ପିଜି ଅଭାବ ପାଇଁ ଭାରତରେ ବାଣିଜ୍ୟିକ ଯୋଗାଣ ଉପରେ କଟକଣା ଲଗାଯାଇଛି।

# ବିସିସିଆଇକୁ ଅଗରକରଙ୍କ ବଡ଼ ଦାବି

ନୂଆଦିଲ୍ଲୀ୧୯।୩: ଅଜିତ ଅଗରକର ଯେବେଠୁ ଟିମ୍ ଇଣ୍ଡିଆର ମୁଖ୍ୟ ଚୟନକର୍ତ୍ତା ଦାୟିତ୍ୱ ସମ୍ଭାଳିଛନ୍ତି ତା ପରଠୁ ଦଳ ତିନୋଟି ଆଇସିସି ଟ୍ରଫି ଜିତି ସାରିଲାଣି । ଏବେ ଅଗରକର ବିସିସିଆଇ ସାମ୍ନାରେ ଏକ ଖାସ୍ ଦାବି ରଖିଛନ୍ତି । ଯଦି ବିସିସିଆଇ ଅଗକରରଙ୍କ ଏହି ଦାବି ମାନି ନିଏ



ତେବେ ବୋର୍ଡକୁ ବେଶ ଆର୍ଥିକ ଫାଇଦା ମିଳିବ । ରିପୋର୍ଟ ମୁତାବକ ଅଜିତ ଅଗରକର ବିସିସିଆଇକୁ ମୁଖ୍ୟ ଚୟନକର୍ତ୍ତା ଭାବେ ତାଙ୍କର କଣ୍ଟ୍ରାକ୍ଟକୁ ଆଗକୁ ବଢାଇବାକୁ କହିଛନ୍ତି । ସେ ଦାବି କରିଛନ୍ତି ଯେ, ଆସନ୍ତା ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ତାଙ୍କୁ ମୁଖ୍ୟ ଚୟନକର୍ତ୍ତା ପଦରେ ରଖାଯାଉ ।ଅଜିତ ଅଗକର ପ୍ରଥମରୁ ହିଁ ବିସିସିଆଇକୁ ଗୋଟିଏ ବର୍ଷ ଅବଧି ବଢାଇବାକୁ କହି ସାରିଛନ୍ତି । ଏବେ ପ୍ରଶ୍ନ ଉଠୁଛି କଣ ବିସିସିଆଇ ତାଙ୍କୁ ସୁଯୋଗ ଦେବ ଯଦି ଅଗରକରଙ୍କ ମୁଖ୍ୟ ଚୟନକର୍ତ୍ତା ଭାବେ ରିପୋର୍ଟ ଦେଖିବା ତେବେ ବହୁତ ଚମତ୍କାର ରହିଛି । ଏହି ପୂର୍ବତନ ଭାରତୀୟ ଖେଳାଳିଙ୍କ ନେତୃତ୍ୱରେ ଏହି ଚୟନକର୍ତ୍ତା କମିଟି ଯେଉଁ ଯେଉଁ ଦଳ ଚୟନ କରିଥିଲା ସେହି ଦଳ ୨୦୨୪ ଟି-୨୦ ବିଶ୍ୱକପ୍, ଟି-୨୦ ବିଶ୍ୱକପ୍ ୨୦୨୬ ଏବଂ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା । ଟାଇମ୍ସ ଅଫ ଇଣ୍ଡିଆର ରିପୋର୍ଟ ମୁତାବକ ଅତିତ ଅଗରକର ଏବେ ନିଜର କଣ୍ଟ୍ରାକ୍ଟ ଆଉ ଗୋଟିଏ ବର୍ଷ ବଢାଇବାକୁ ବିସିସିଆଇକୁ ଦରଖାସ୍ତ ଦେଇଛନ୍ତି । ଅଜିତ ଅଗରକରଙ୍କ ସହ ବଡ କଥା ଏହା ଯେ, ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ତାଙ୍କୁ ପୂର୍ଣ୍ଣ ସମର୍ଥନ କରନ୍ତି । ଦୁହେଁ ମିଶି ଭାରତୀୟ କ୍ରିକେଟ୍ ଦଳରେ ବହୁତ ପରିବର୍ତ୍ତନ ଆଣିଛନ୍ତି । ଏଥିରେ ବିରାଟ କୋହଲି, ରୋହିତ ଶର୍ମାଙ୍କ ଟେଷ୍ଟ ଓ ଟି-୨୦ରୁ ସନ୍ନ୍ୟାସ ସାମିଲ୍ । ଏହି ଦୁଇ ଜଣଙ୍କ ନେତୃତ୍ୱରେ ଭାରତୀୟ ଦଳ ଛିଡା ହୋଇଛି ଏବଂ ଦମଦାର ପ୍ରଦର୍ଶନ ମଧ୍ୟ କରୁଛି । କିନ୍ତୁ ଟେଷ୍ଟ କ୍ରିକେଟରେ ଉଭୟଙ୍କ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ଏଥର ମଧ୍ୟ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପର ଭାରତ ଫାଇନାଲରେ ପହଞ୍ଚିବା ମୁସ୍କିଲ ଲାଗୁଛି ।

## ରାଜସ୍ଥାନ ରୟାଲ୍ସ ଜର୍ସି ଉନ୍ମୋଚିତ

ଜୟପୁର,୧୯/୦୩: ଆଗାମୀ ଆଇପିଏଲ୍ ସିଜନ ପାଇଁ ରାଜସ୍ଥାନ ରୟାଲ୍ସ ଅନ୍ତିମ ଦଳ ଭାବେ ଅଫିସିଆଲ ଜର୍ସି ଉନ୍ମୋଚନ କରିଛି । ଫ୍ରାଞ୍ଚାଇଜ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ନୂଆ ସିଜନର ନୂଆ ଜର୍ସି ଉପସ୍ଥାପନ କରାଯାଇଥିଲା ।ରାଜସ୍ଥାନ ରୟାଲ୍ସ ପକ୍ଷରୁ ଅଫିସିଆଲ ସୋସିଆଲ ମିଡିଆ ପୃଷ୍ଠାରେ ଏହି ଜର୍ସିର ଫଟୋ ଅପଲୋଡ଼ କରାଯାଇ ଲେଖାଯାଇଥିଲା, 'ନୂଆ ଜର୍ସି, ପୁରୁଣା ହଲ୍ଲା ବୋଲ୍' ।ଜର୍ସିଉନ୍ମୋଚନ କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଅଧିନାୟକ ରିୟାନ ପରାଗ, ବ୍ୟାଟିଂ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀ, ଲେଗ ସ୍ପିନର ରବି ବିଷ୍ଣୋଇ ଯୋଗ ଦେଇଥିଲେ । ଗତ ନିଲାମରେ ରାଜସ୍ଥାନ ରୟାଲ୍ସ ବିଷ୍ଣୋଇଙ୍କୁ ୭.୨ କୋଟି ଟଙ୍କା ମୂଲ୍ୟରେ କିଣିଥିଲା । ସୂଚନାଯୋଗ୍ୟ, ରାଜସ୍ଥାନ ରୟାଲ୍ସ ଦଳ ଆସନ୍ତା ୨୬ ତାରିଖରେ ଗୌହାଟୀ ପହଞ୍ଚିବ । ସେଠାରେ ୩ ଦିନ ଅଭ୍ୟାସ କରିବା ପରେ ଦଳ ୩୦ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବ ଓ ୫ଥର ଚାମ୍ପିଅନ୍ ଚେନ୍ନାଇ ସୁପରକିଙ୍ଗ୍ସକୁ ସାମ୍ନା କରିବ ।

# ସୂର୍ଯ୍ୟବଂଶୀଙ୍କୁ ମିଳିବ ବଡ଼ ଦାୟିତ୍ୱ

ନୂଆଦିଲ୍ଲୀ,୧୯।୩: ପୁଣି ଚର୍ଚ୍ଚାରେ ୧୪ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ । ଏଥର ସେ ଆଇପିଏଲରେ ଓପନିଂ କରିବାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଆଇପିଏଲ୍ ୨୦୨୬ ପୂର୍ବରୁ ରାଜସ୍ଥାନ ରୟାଲ୍ସ ବି ନୂଆ ରଙ୍ଗରେ ଦେଖାଯିବ । ଆରଆରର ଖେଳାଳୀ ଏକ ନୂଆ ଡିଜାଇନ ଥିବା ଜର୍ସିରେ ଦେଖାଯିବେ । ଏଥର ଟିମରେ ସଞ୍ଜୁ ସାମସନ ନାହାନ୍ତି, ଏଥିଲାଗି ଅଧିନାୟକ ଦାୟିତ୍ୱ ୨୪ବର୍ଷିୟ ରିୟାନ ପରାଗ ସମ୍ଭାଳିବେ । କିନ୍ତୁ ରିୟାନଙ୍କଠାରୁ ଅଧିକ ୧୪ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଚର୍ଚ୍ଚାରେ ରହିବେ । କୋଚ୍ କୁମାର ସାଙ୍ଗାକାରା ବି ଆଶା ରଖିଛନ୍ତି କି ଏଥର ବୈଭବ ରାଜସ୍ଥାନ ଟିମ୍ ଲାଗି ଟ୍ରମ୍ପକାର୍ଡ଼ ସାବ୍ୟସ୍ତ ହୋଇପାରନ୍ତି ।



ରାଜସ୍ଥାନ ରୟାଲ୍ସ ଟିମ୍ ଏକାଠି ହୋଇସାରିଛନ୍ତି ଏବଂ ଜୟପୁରସ୍ଥିତ ସବାଇ ମାନ ସିଂହ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି । ଏହା ଆରଆର ଟିମର ହୋମ୍ ଗ୍ରାଉଣ୍ଡ ଅଟେ । କିନ୍ତୁ ରାଜସ୍ଥାନ ଟିମ୍ ନିଜର କିଛି ହୋମ୍ ମ୍ୟାଚ୍ ଗେହାଟିରେ ଖେଳିବ । ଆଇପିଏଲ୍ ୨୦୨୬ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଟିମର ମୁଖ୍ୟ କୋଚ୍ କୁମାର ସାଙ୍ଗାକାର ଏବଂ ଅଧିନାୟକ ରିୟାନ ପରାଗ ପ୍ରେସ କନଫ୍ରେନ୍ସରେ ଟିମର ରଣନୀତି ଉପରେ କଥା ହୋଇଛନ୍ତି । ଆଗାମୀ ସିଜନ ଲାଗି ବୈଭବ ସୂର୍ଯ୍ୟବଂଶୀ ଟିମର ଷ୍ଟାର ଖେଳାଳୀ ହେବେ କାରଣ ଅଧିନାୟକ ରିୟାନ ପରାଗ ସ୍ପଷ୍ଟ କରି ଦେଇଛନ୍ତି କି ସୂର୍ଯ୍ୟବଂଶୀ ଟିମ୍ ଲାଗି ଟ୍ରମ୍ପକାର୍ଡ଼ ସାବ୍ୟସ୍ତ ହୋଇପାରନ୍ତି । ଏହାସହ ସେ ଏହା ବି ସ୍ପଷ୍ଟ କରି ଦେଇଛନ୍ତି ସଞ୍ଜୁ ସାମସନ ଯିବା ପରେ ଓପନିଂ ସ୍ଥାନ ଖାଲି ହୋଇଛି । ଏହାକୁ ବୈଭବ ସୂର୍ଯ୍ୟବଂଶୀ ହିଁ ସମ୍ଭାଳିବେ । ବୈଭବ ଏବଂ ଯଶସ୍ୱୀ ଜୟସୱାଲଙ୍କ ଯୋଡ଼ି ରାଜସ୍ଥାନ ଟିମ୍ ଲାଗି ପାଳିର ଆରମ୍ଭ କରୁଥିବା ଦେଖାଯିବେ ।

# ବାଂଲାଦେଶ କ୍ରିକେଟ୍ ଉପରେ ସସପେଣ୍ଡର ବିପଦ

ନୂଆଦିଲ୍ଲୀ,୧୯।୩ ବାଂଲାଦେଶ କ୍ରିକେଟ୍ ବୋର୍ଡ(ବିସିବି) ଉପରେ ଆଇସିସି ଦ୍ୱାରା ନିଲମ୍ବନର ବିପଦ ରହିଛି । କାରଣ ବିସିବିର ନିର୍ବାଚନରେ ହୋଇଥିବା ଅନିୟମିତତା ଯାଞ୍ଚ କରାଯାଉଛି । ବାଂଲାଦେଶର ନୂଆ ସରକାର ବୋର୍ଡର ନିର୍ବାଚନରେ ହୋଇଥିବା ଅନିୟମିତତା ଏବଂ ହେରଫେରର ତଦନ୍ତ ଆଦେଶ ଦେଇଛନ୍ତି ।




ଆଇସିସିକୁ ଯଦି ଲାଗିବ ଯେ, ବିସିବିର କାର୍ଯ୍ୟରେ ସରକାର ହସ୍ତକ୍ଷେପ କରୁଛନ୍ତି, ତେବେ ଆଇସିସି ବିସିବିକୁ ସସପେଣ୍ଡ କରିପାରେ । କାରଣ ଆଇସିସି ନିୟମ ଅନୁସାରେ କ୍ରିକେଟ୍ ବୋର୍ଡ ସରକାରଙ୍କ ଦଖଲରୁ ମୁକ୍ତ ହେବା ଉଚିତ୍ । ଏସବୁ ମଧ୍ୟରେ ବାଂଲାଦେଶର ନୂଆ ସରକାର ଏହି ପ୍ରସଙ୍ଗରେ ଆଇସିସି ସହ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଯଦ୍ୱାରା ବିସିବି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବେ ।

ବାଂଲାଦେଶର କ୍ରୀଡା ମନ୍ତ୍ରୀ ଅମିନୁଲ ହକ ବିସିବିର ଭବିଷ୍ୟତ ଉପରେ ଅନ୍ତିମ ନିଷ୍ପତ୍ତି ନେବା ପୂର୍ବରୁ ଆଇସିସିର ପରାମର୍ଶ ଲୋଡିବେ । ଏହା ସହିତ ଏକ କମିଟି ଗଠନ କରାଯାଇଛି ଯିଏ ଏହା ତଦନ୍ତ କରିବ ଯେ, ଚଳିତ ବର୍ଷ ଟି-୨୦ ବିଶ୍ୱକପରେ ବାଂଲାଦେଶ ଟିମ୍ କାହିଁକି ଅଂଶଗ୍ରହଣ କଲା ନାହିଁ ।

ବିସିବି ସୋମବାର କହିଛି ଯେ, କମିଟି ଗଠନ ହେବା ବାଂଲାଦେଶ ସରକାର ପକ୍ଷରୁ ବୋର୍ଡ ମାମଲାରେ ହସ୍ତକ୍ଷେପ କରିବା ସହ ସମାନ । ବାଂଲାଦେଶର ପୂର୍ବତନ ଫୁଟବଲ ଅଧିନାୟକ ହକ ମଙ୍ଗଳବାର କହିଛନ୍ତି ଯେ, ପାଞ୍ଚ ଜଣିଆ କମିଟି ଯେବେ ନିଜର ରିପୋର୍ଟ ୧୫ ଦିନ ଭିତରେ ଦେବ ଏହା ଉପରେ ଆଇସିସି ସହ ଆଲୋଚନା କରାଯିବ ।

ସେ କହିଛନ୍ତି, ଆମେ ସମସ୍ତେ ଜାଣିଛୁ ଯେ, ଗତ ବର୍ଷ ବିସିବି ନିର୍ବାଚନରେ ଆମର ଗତ ସରକାରଙ୍କ ସିଧାସଳଖ ହସ୍ତକ୍ଷେପ ଥିଲା । ମୁଁ ଅନେକ ଥର ଏହି ପ୍ରସଙ୍ଗରେ କଥା ହୋଇଛି । ଢାକାର କ୍ଲବ ଓ ଜିଲ୍ଲାରୁ ମିଳିଥିବା ଅଭିଯୋଗ ପରେ ଆମେ ତଦନ୍ତ କମିଟି ଗଠନ କରିଛୁ । ମାତ୍ର ପରବର୍ତ୍ତୀ ପଦକ୍ଷେପ ଆଇସିସି ସହ ଆଲୋଚନା ପରେ ହିଁ ଉଠାଯିବ ।

# ଆଇପିଏଲ୍‌ର ଏକାଧିକ ଦଳରେ ନୂଆ ଅଧିନାୟକ

ନୂଆଦିଲ୍ଲୀ,୧୯।୩ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)-୨୦୨୬ ପାଇଁ ପ୍ରଶଂସକମାନେ ଅତ୍ୟନ୍ତ ଉତ୍ସାହିତ। ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ସନରାଇଜର୍ସ ହାଇଦ୍ରାବାଦ ତାର ନୂତନ ଅଧିନାୟକ ଘୋଷଣା କରିଛି। ସନରାଇଜର୍ସ ଇଶାନ କିଶାନଙ୍କୁ ତାର ନୂତନ ଅଧିନାୟକ ଭାବରେ ନିଯୁକ୍ତ କରିଛି।



ଡିଫେଣ୍ଡିଂ ଚାମ୍ପିଅନ ଆରସିବି ନିଜର ଅଧିନାୟକତ୍ୱରେ ଆତ୍ମବିଶ୍ୱାସ ବଜାୟ ରଖିଛି। ରଜତ ପାଟିଦାର-୨୦୨୫ରେ ଦଳକୁ ପ୍ରଥମ ଆଇପିଏଲ୍ ଟାଇଟଲ ପାଇଁ ନେତୃତ୍ୱ ଦେଇ ଇତିହାସ ରଚିଛନ୍ତି। ସେ ଚଳିତ ବର୍ଷ ଲଗାତାର ଟାଇଟଲ ଜିତିବାକୁ ଲକ୍ଷ୍ୟ ରଖିବେ।

୨୯ ବର୍ଷୀୟ ଋତୁରାଜ ଗାୟକୱାଡ ପୁଣି ଥରେ ୟେଲୋ ଆର୍ମି 'ଚେନ୍ନାଇ ସୁପର କିଙ୍ଗସ'ର ନେତୃତ୍ୱ ନେବେ। ସଞ୍ଜୁ ସାମସନଙ୍କ ଆଗମନ ପରେ ଅଧିନାୟକତ୍ୱ ବିଷୟରେ ଗୁଜବ ପ୍ରକାଶ ପାଇଥିଲେ ମଧ୍ୟ ପରିଚାଳନା ଦଳ ଗାୟକୱାଡଙ୍କ ଉପରେ ବିଶ୍ୱାସ ପ୍ରକାଶ କରିଛି। ଋତୁରାଜ ସ୍ପଷ୍ଟ କରିଛନ୍ତି ଯେ ତାଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ଦଳକୁ ଷଷ୍ଠ ଟାଇଟଲ ପାଇଁ ନେତୃତ୍ୱ ନେବା। ଗୁଜରାତକୁ ଟାଇଟଲ ପାଇଁ ନେତୃତ୍ୱ ଦେବା ପରେ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କର ପୂର୍ବତନ ଦଳ ମୁମ୍ବାଇ ଇଣ୍ଡିଆନ୍ସକୁ ଫେରିଥିଲେ। ମୁମ୍ବାଇର ଅଧିନାୟକ ଭାବରେ ସେ ଏପର୍ଯ୍ୟନ୍ତ ପ୍ରଶଂସକମାନେ ଆଶା କରିଥିବା ସଫଳତା ହାସଲ କରିନାହାଁନ୍ତି। ତେଣୁ ଚଳିତ ସଂସ୍କରଣରେ ଭଲ ନେତୃତ୍ୱ ନେବାକୁ ଆଶା ରଖିଛନ୍ତି।

କୋଲକାତା ଛାଡିବା ପରେ ଶ୍ରେୟସ ଆୟର ବର୍ତ୍ତମାନ ପଞ୍ଜାବ କିଙ୍ଗସର ନୂତନ ଅଧିନାୟକ। ଆୟରଙ୍କ ଏକ ଅନନ୍ୟ ରେକର୍ଡ ଅଛି - ସେ ଦୁଇଟି ଭିନ୍ନ ଦଳକୁ ଲଗାତାର ଆଇପିଏଲ୍ ଫାଇନାଲରେ ନେତୃତ୍ୱ ନେବାରେ ପ୍ରଥମ ଅଧିନାୟକ। ପଞ୍ଜାବ ଆଶା କରୁଛି ଯେ ଆୟରଙ୍କ ଅଭିଜ୍ଞତା ସେମାନଙ୍କୁ ସେମାନଙ୍କର ପ୍ରଥମ ଟାଇଟଲ ହାସଲ କରିବାରେ ସାହାଯ୍ୟ କରିବ ।କୋଲକାତା ନାଇଟ୍ ରାଇଡର୍ସ ଅଭିଜ୍ଞ ଅଜିଙ୍କ୍ୟ ରାହାଣେଙ୍କୁ ଅଧିନାୟକ ଭାବରେ ନିଯୁକ୍ତ କରି ଏକ ସାହସିକ ନିଷ୍ପତ୍ତି ନେଇଛି। ରାହାଣେ ଗତ ସିଜନରେ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ୩୯୦ ରନ କରିଥିଲେ। ଗୁଜରାଟ ଜଏଣ୍ଟସ୍‌ରେ ଅଧିନାୟକ ଭାବରେ ଏହା ଶୁଭମନ ଗିଲଙ୍କ ତୃତୀୟ ସିଜନ ହେବ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିଦାୟ ପରେ ଗିଲ୍ ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ ସାମ୍ପ୍ରତିକ ଅତୀତ ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ଥିଲା।

ଅଷ୍ଟ୍ରେଲିଆକୁ ବିଶ୍ୱକପ୍ ବିଜୟୀ କରାଇଥିବା ପ୍ୟାଟ୍ କମିନ୍ସ ଏପର୍ଯ୍ୟନ୍ତ ହାଇଦ୍ରାବାଦ ପାଇଁ ସେହି ଯାଦୁକରୀ ସଫଳତାକୁ ଦୋହରାଇ ନାହାଁନ୍ତି। ୩୦ ମ୍ୟାଚ୍‌ରେ ୧୫ ବିଜୟର ରେକର୍ଡ ସହିତ କମିନ୍ସ ତାଙ୍କର ରଣନୀତି ଏବଂ ଅଧିନାୟକତ୍ୱ ମାଧ୍ୟମରେ ଏହି ସିଜନରେ ଅରେଞ୍ଜ ଆର୍ମିକୁ ଶୀର୍ଷକୁ ଫେରିବାକୁ ଆଶା କରୁଛନ୍ତି।

ଦିଲ୍ଲୀ କ୍ୟାପିଟାଲ୍ସ ଛାଡିବା ପରେ ରିଷଭ ପନ୍ତଙ୍କୁ ଏବେ ଲକ୍ଷ୍ନୌ ସୁପର ଜାଏଣ୍ଟ ଜର୍ସୀରେ ଦେଖିବାକୁ ମିଳିବ। ପନ୍ତ ନେତୃତ୍ୱ ଏବଂ ବ୍ୟାଟିଂ ଉଭୟରେ କଷ୍ଟକର ସମୟ ବିତାଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ସେମାନଙ୍କର ନୂତନ ଅଧିନାୟକ ଭାବରେ ନିଯୁକ୍ତ କରିଛି। ଅକ୍ଷରଙ୍କର ସୀମିତ ନେତୃତ୍ୱ ଅଭିଜ୍ଞତା ଥିବା ବେଳେ, ଦଳ ପରିଚାଳନା ତାଙ୍କ ଅଲରାଉଣ୍ଡର କ୍ଷମତା ଏବଂ ଖେଳର ବୁଝାମଣା ଉପରେ ପୂର୍ଣ୍ଣ ଭରସା ରଖିଛି ।ସଞ୍ଜୁ ସାମସନଙ୍କ ବିଦାୟ ପରେ ରାଜସ୍ଥାନ ରୟାଲ୍ସ ଯୁବ ରିୟାନ ପରାଗଙ୍କ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବାଜି ଲଗାଇଛି। ଏହା ପରାଗଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ହେବ, କିନ୍ତୁ ରବିନ୍ଦ୍ର ଜାଡେଜାଙ୍କ ପରି ଜଣେ ଅଭିଜ୍ଞଙ୍କ ଉପସ୍ଥିତି ତାଙ୍କୁ ପଡ଼ିଆରେ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରିବ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଘୋଷଣା ହେଲା ତାରିଖ ଏବଂ ସ୍ଥାନ

ନୂଆଦିଲ୍ଲୀ,୧୯।୩: ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୮ମ ସଂସ୍କରଣ ୨୦୨୭ ଅକ୍ଟୋବର ୨୯ରୁ ନଭେମ୍ବର ୪ ମାଲ୍‌ଟା ଓ ଗୋଜୋରେ ହେବ। ଉଦ୍‌ଘାଟନୀ ଉତ୍ସବ ଅକ୍ଟୋବର ୨୯ରେ ଏହାପଛକୁ ଅକ୍ଟୋବର ୩୦ରୁ ନଭେମ୍ବର ୪ ପର୍ଯ୍ୟନ୍ତ ୬ଦିନ ଆକ୍‌ଶନରେ ଭରପୁର କ୍ରୀଡ଼ା କାର୍ଯ୍ୟକ୍ରମ ହେବ।୮ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। ସେଗୁଡ଼ିକ ହେଲା ସୁଇମିଂ ଓ ପାରା ସୁଇମିଂ, ଆଥଲେଟିକ୍ସ ଓ ପାରା ଆଥଲେଟିକ୍ସ, ନେଟବଲ୍, ସେଲିଂ ସ୍କ୍ୱାଶ, ଟାଇଥଲନ, ୱାଟର ପୋଲୋ ଏବଂ ୱେଟ୍‌ଲିଫ୍ଟିଂ।



ଏଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେଲିଂ ଓ ୱାଟରପୋଲାକୁ ପ୍ରଥମଥର ସାମିଲ କରାଯାଇଛି। ଏଥିରେ ୭୪ ରାଜ୍ୟଗୋଷ୍ଠୀ ଦେଶ ଅଞ୍ଚଳର ୧୪ରୁ ୧୮ ବର୍ଷ ବୟସବର୍ଗର ପ୍ରାୟ ୧,୨୦୦ ଆଥଲେଟ ଭାଗ ନେବେ ବୋଲି ଆଶା କରାଯାଉଛି। ବଛାଯାଇଥିବା ଭେନ୍ୟୁଗୁଡ଼ିକ ମଧ୍ୟରେ ରହିଛି କୋଟୋନେରା ଇନ୍‌ଡୋର ପୁଲ୍, ଟାଲ୍‌କ୍ରୋକ୍ ନ୍ୟାଶନାଲ ପୁଲ୍, ମାର୍ସ ଆଥଲେଟିକ୍ସ ଷ୍ଟାଡିୟମ, ମାର୍ସା ସ୍ପଟର୍ସ ସେଣ୍ଟର, ମେଲିହା ବେ' ଗୋଜୋ ଇନ୍‌ଡୋର ସ୍ପର୍ଟ୍ସ ପ୍ୟାଭିଲିଅନ ଓ ମାର୍ସାଲ ଫର୍ନ ବେ'।

# ଆଇପିଏଲ୍‌ରେ ଋଷଭଙ୍କ ଅଭ୍ୟାସ

ନୂଆଦିଲ୍ଲୀ,୧୯।୩: ଭାରତୀୟ ୱିକେଟ୍‌କିପର ବ୍ୟାଟର ଋଷଭ ପନ୍ତଙ୍କ ଅନ୍ତର୍ଜାତୀୟ କ୍ୟାରିୟର ୧୦ ବର୍ଷରେ ପହଞ୍ଚିଛି। ହେଲେ ତାଙ୍କ ପାଇଁ ଜାତୀୟ ଦଳରେ ସର୍ବଦା ରହିବା ସମ୍ଭବ ହେଉନି। କେତେବେଳ ଫର୍ମ ତ କେତେବେଳେ ଆହତ ଜନିତ ସମସ୍ୟା ଏଥିରେ ବାଧା ଦେଉଛି। ଆଇପିଏଲ୍ ଆରମ୍ଭ ହେବାକୁଥିଲା ବେଳେ ଆହତ ଯୋଗୁଁ ଭାରତୀୟ ଦଳଠୁ ଦୂରେଇ ରହିଥିବା ପନ୍ତ ଏବେ ଏହି ଧନି ଲିଗ୍ ଲାଗି ମୁମ୍ବାଇ ଓ ଚେନ୍ନାଇରେ ଅଭ୍ୟାସ ଚଳାଇଛନ୍ତି। ଆଗାମୀ ଆଇପିଏଲ୍ ଚମତ୍କାର ପ୍ରଦର୍ଶନ କରି ପୁଣି ଥରେ ଭାରତୀୟ ଦଳରେ ସ୍ଥାନ ପାଇବା ଲକ୍ଷ୍ୟରେ ରହିଛନ୍ତି ସେ। ୨୦୨୪ରେ ଭାରତୀୟ ଦଳ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବା ପରଠୁ ସେ ଧଳାବଲ୍ ଦଳର ନିୟମିତ ସଦସ୍ୟ ରହିବା ଲାଗି ସଂଘର୍ଷ କରୁଛନ୍ତି। ଗେତମ ଗମ୍ଭୀର ଯେବେଠୁ ଭାରତୀୟ ଦଳର ମଙ୍ଗ ଧରିଲେଣି ପନ୍ତ ମାତ୍ର ୨ଟି ଟ୍ୱେଣ୍ଟି-୨୦ ଓ ଗୋଟିଏ ଦିନିକିଆ ମ୍ୟାଚ୍ ଖେଳିବାର ସୁଯୋଗ ପାଇଛନ୍ତି। ଦକ୍ଷିଣ ଆଫ୍ରିକାରେ ଦିନିକିଆ ବିଶ୍ୱକପ୍ ୨୦୨୭ରେ ହେବାକୁ ଥିଲା ବେଳେ ପନ୍ତଙ୍କୁ ଭାରତୀୟ ଦଳର ବ୍ୟାକ୍‌ଅପ୍ ୱିକେଟ୍‌କିପର ଭାବେ ରଖାଯାଇଛି। ହେଲେ ସେ ଯଦି ଆଇପିଏଲ୍‌ରେ ଭଲ କରନ୍ତି, ତେବେ ଚମତ୍କାର ପ୍ରଦର୍ଶନ କରି ଭାରତକୁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜେତା କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିବା ଦୁଇ ୱିକେଟ୍‌କିପର ଈଶାନ କିଶନ ଓ ସଞ୍ଜୁ ସାମ୍‌ସନ୍‌ଙ୍କ ଆଗରେ ରହିପାରନ୍ତି। ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ର ଏହି ଦାମୀ ଖେଳାଳି ଏପ୍ରିଲ ୧ ତାରିଖରେ ଲକ୍ଷ୍ନୌରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳି ଆଇପିଏଲ୍ ଅଭିଯାନ ଆରମ୍ଭ କରିବେ।



# ଏମ୍‌ଏସ୍ ଧୋନିଙ୍କ ନାଁରେ ଥିବା କ୍ରିକେଟ ଷ୍ଟାଡିୟମ ସିଲ୍

## ନୋଟିସ୍ ପରେ ବି କ୍ଲିଅର ହେଉନଥିଲା ପେମେଣ୍ଟ

ନୂଆଦିଲ୍ଲୀ,୧୯।୩: ଭାରତକୁ ଦୁଇଟି ବିଶ୍ୱକପ୍ ଜିତାଇଥିବା କ୍ୟାପଟେନ୍ କୁଲ୍ ମହେନ୍ଦ୍ର ସିଂହ ଧୋନିଙ୍କ ନାଁରେ ଥିବା କ୍ରିକେଟ୍ ଷ୍ଟାଡିୟମ ହେଲା ସିଲ୍। ଜୟପୁରରେ ଥିବା ଏହି କ୍ରିକେଟ ଷ୍ଟାଡିୟମ୍ ଉପରେ ୪୨ ଲକ୍ଷ ଟଙ୍କା ବକେୟା ରହିଛି। ବହୁବାର ନୋଟିସ୍ ପରେ ମଧ୍ୟ ପେମେଣ୍ଟ କ୍ଲିଅର ନହେବା କାରଣରୁ ଜୟପୁର ନଗର ନିଗମ(ଜେଏମ୍ସି)ସିଲ୍ କରିବା ନେଇ ମ୍ୟୁନିସିପାଲିଟି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।




ଏହି ମାମଲା ସହର ବିକାଶ ଟ୍ୟାକ୍ସ ସହିତ ଜଡିତ। ଜେଏମସି ଅଧିକାରୀଙ୍କ କହିବା ଅନୁସାରେ, ଅପରେଟର୍ସଙ୍କ ଉପରେ ୪୨ ଲକ୍ଷ ଟଙ୍କା ବକେୟା ଥିଲା। ନୋଟିସ୍ ପରେ ପେମେଣ୍ଟ ନହେବାରୁ ଆକ୍ସନ ନିଆଯାଇଛି। ମୁରଲିପୁରା ଜୋନ୍ର ଡେପୁଟି କମିଶନର ପବନ କୁମାର ଶର୍ମା କହିଛନ୍ତି, ଷ୍ଟାଡିୟମରେ ଏହି ବକେୟା ୨୦୦୭ ରୁ ୨୦୨୫ ଭିତରେ ଜମା ହୋଇଯାଇଥିଲା। ବହୁବାର ରିମାଇଣ୍ଡ କରିବାପରେ ବି ପେମେଣ୍ଟ ହୋଇନଥିଲା। ଏହି କାରଣରୁ ସିଭିକ୍ ରେଭିନ୍ୟୁ ଟିମ୍ ଷ୍ଟାଡିୟମକୁ ସିଲ୍ କରିଦେଇଥିଲେ। ଷ୍ଟାଡିୟମର ନାଁ ଯଦିଓ ଧୋନିଙ୍କ ନାଁରେ ରହିଛି,କିନ୍ତୁ ଏହାର ପୂର୍ବତନ କ୍ରିକେଟରଙ୍କ ସହ କେଣସି ସମ୍ପର୍କ ନାହିଁ ।ଯଦିଓ କିଛି ଗଣମାଧ୍ୟମ ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ, ଏମଏସ ଧୋନିଙ୍କ ଏକାଡେମୀ ପୂର୍ବରୁ ଏହି ଷ୍ଟାଡିୟମରେ ଚାଲିଥିଲା। ଧୋନି ୨୦୨୦ରେ ଜୟପୁରରେ ତାଙ୍କର ଏକାଡେମୀ ଖୋଲିଥିଲେ, କିନ୍ତୁ ପରେ ତାଙ୍କ ସାଥୀ ମିହିର ଦିବାକରଙ୍କ ସହ ତାଙ୍କର ସମ୍ପର୍କ ତିକ୍ତ ହୋଇଗଲା। ଧୋନି ମିହିରଙ୍କ ବିରୁଦ୍ଧରେ ୧୫ କୋଟି ଠକେଇ ପାଇଁ ଏକ ଫୌଜଦାରୀ ମାମଲା ମଧ୍ୟ ଦାୟର କରିଥିଲେ। ଏହି ମାମଲାରେ ମିହିରଙ୍କୁ ୨୦୨୪ରେ ଗିରଫ କରାଯାଇଥିଲା। ସେ ଜୟପୁରରେ ଏକାଡେମୀର ନିର୍ଦ୍ଦେଶକ ଅଛନ୍ତି।

ଜେଏମସି ଏହି ଅଭିଯାନରେ, ମୁରଲିପୁରା ଜୋନର କିଛି ଦୋକାନ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଯେଉଁ ଦୋକାନଗୁଡିକର ନଗର ଉନ୍ନୟନ ଟିକସ ପ୍ରାୟ ୨ଲକ୍ଷ ଟଙ୍କା ଥିଲା, ସେମାନଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଜେଏମ୍ସି ଅନ୍ୟ ଜୋନରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଜଗତପୁରା ଜୋନରେ ତିନୋଟି ସମ୍ପତ୍ତିକୁ ବକେୟା ଟିକସ ପାଇଁ ସିଲ୍ କରାଯାଇଥିଲା। ସେହିପରି, ସାଙ୍ଗାନେର ଜୋନରେ ଛଅଟି ସମ୍ପତ୍ତିକୁ ନଗର ଉନ୍ନୟନ ଟିକସ ପାଇଁ ସିଲ୍ କରାଯାଇଥିଲା।

# ରୋନାଲ୍‌ଡୋଙ୍କ ୯୦୦ ଗୋଲ୍ ଏଲିଟ୍ ତାଲିକାରେ ମେସି

ଫୋର୍ଟ ଲାଉଡରଡେଲ୍,୧୯।୩: ଆର୍ଜେଣ୍ଟିନା ଫୁଟ୍‌ବଲ୍ ତାରକା ଲିଓନେଲ ମେସି ବିଶ୍ୱର ଦ୍ୱିତୀୟ ପୁରୁଷ ଖେଳାଳି ଭାବେ ୯୦୦ ଗୋଲ୍ ମାଇଲଖୁଣ୍ଟ ଛୁଇଁଛନ୍ତି। ଏଠାରେ ଖେଳାଯାଇଥିବା କନ୍‌କାକାଫ୍ ଚାମ୍ପିଅନ୍ସ କପ୍ ରାଉଣ୍ଡ-୧୬ରେ ସେ ଏହି ସଫଳତା ପାଇଥିଲେ। ନାସଭିଲେ ଏସ୍ ବିପକ୍ଷ ଏହି ଦ୍ୱିତୀୟ ଲେଗ୍ ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ମିଆମିରୁ ଖେଳୁଥିବା ମେସି ଗୋଲ୍ ଦେଇଥିଲେ। ହେଲେ ତାଙ୍କର ଏହି ଗୋଲ୍ ମିଆମିକୁ ଆଗକୁ ନେବାରେ ଯଥେଷ୍ଟ ହୋଇ ନଥିଲା। ନାସ୍‌ଭିଲେ ଶେଷ ସମୟରେ ଗୋଲ୍ ଦେଇ ମ୍ୟାଚ୍ ଅମୀମାଂସିତ ରଖିବା ସହ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲା। ପୂର୍ବରୁ ଏହି ୯୦୦ ଗୋଲ୍ ତାଲିକାରେ କେବଳ ପର୍ତ୍ତୁଗିଜ୍ ସୁପରଷ୍ଟାର୍ କ୍ରିଷ୍ଟିଆନୋ ରୋନାଲ୍‌ଡୋ (୯୬୫) ରହିଥିଲେ। ମେଜର ଲିଗ୍ ସକ୍କରରେ ୨୦୨୩ରୁ ମିଆମି ପକ୍ଷରୁ ମେସି ୮୧ ଗୋଲ୍ ଦେଇ ସାରିଛନ୍ତି। ୨୦୦୫ରେବାର୍ସିଲୋନା ପକ୍ଷରୁ ପ୍ରଥମ ଗୋଲ୍ ଦେବାର ୨୧ ବର୍ଷ ପରେ ମେସି ୯୦୦ ଗୋଲ୍‌ର ମାଇଲଖୁଣ୍ଟ ଛୁଇଁଛନ୍ତି। ମେସିଙ୍କ ଏହି ୯୦୦ ଗୋଲ୍‌ରେ ରହିଛି ବାର୍ସିଲୋନା ପକ୍ଷରୁ ୬୭୨, ପାରିସ୍ ସେଣ୍ଟ-ଜର୍ମାନ ପକ୍ଷରୁ ୩୨, ଇଣ୍ଟର ମିଆମି ପକ୍ଷରୁ ୮୧ ଓ ଆର୍ଜେଣ୍ଟିନା ପକ୍ଷରୁ ୧୧୫।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ